## ପାଟଣା ରେଞ୍ଜ୍ ସଂରକ୍ଷିତ ଜଙ୍ଗଲରେ ନିଆଁ

ପାଟଣା,(ସ୍ୱ.ପ୍ର.)-କେନ୍ଦୁଝର ଜିଲା ପାଟଣା ରେଞ୍ଜ୍ କ୍ଷୀରେଇଟାଙ୍ଗିରୀ ସଂରକ୍ଷିତ ଜଙ୍ଗଲ ଓ କର୍ଣ୍ଣିଆପଡା ଗ୍ରାମ୍ୟ ଜଙ୍ଗଲରେ କୌଣସି କାରଣରୁ ରବିବାର ନିଆଁ ଲାଗିଯିବାରୁ ୨ ଏକର ପରିମିତ ଜଙ୍ଗଲର ଗଛ ସବୁ ପୋଡ଼ି ଜଳି ନଷ୍ଟ ହୋଇଯାଇଛି। ଖବର ପାଇ ବନ ବିଭାଗ, ପାଟଣା ଅଗ୍ନିଶମ ବିଭାଗ ଓ କେନ୍ଦୁଝର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣା ପଡ଼ିନାହିଁ।

## ସଂକ୍ଷେପରେ

### ରାଇରଙ୍ଗପୁରରେ ନୂଆ ଏସ୍‌ଡିପିଓ

**ରାଇରଙ୍ଗପୁର,୩।୧(ଡ଼ି.ଏନ୍.ଏ):** ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ପୋଲିସ ସର୍କଲରେ ଶନିବାର ନୂଆ ଏସ୍‌ଡିପିଓ ଭାବେ ଗାୟତ୍ରୀ ପ୍ରଧାନ କାର୍ଯ୍ୟଭାର ଗ୍ରହଣ



କରିଛନ୍ତି। ଏହି ସର୍କଲରେ ସେ ପ୍ରଥମ ମହିଳା ଏସ୍‌ଡିପିଓ ଭାବେ ଯୋଗ ଦେଇଥିବାରୁ ବିଭିନ୍ନ ମହଲରୁ ତାଙ୍କୁ ସ୍ୱାଗତ କରାଯାଇଛି। ଅଞ୍ଚଳରେ ଆଇନଶୃଙ୍ଖଳା, ଶିଶୁ ଓ ମହିଳାଙ୍କ ସୁରକ୍ଷା ଏବଂ ଆଇଟି ସମ୍ପର୍କୀତ ମାମଲା ଉପରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଏଠାରେ ପୂର୍ବରୁ ଥିବା ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କୁ କନ୍ଧମାଳ ଜିଲାକୁ ବଦଳି କରାଯାଇଛି।

### ବଜାର ସଫେଇ ଅଭିଯାନ

**ଢେଙ୍କିକୋଟ, ୩।୧(ଡି.ଏନ.ଏ):** କେନ୍ଦୁଝରଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ବଜାରସ୍ଥିତ ବଣିକ ସଂଘର ସମ୍ପାଦକ ଲଲାଟେନ୍ଦୁ ସାହୁ ସଭାପତି ରାଜେନ୍ଦ୍ର ସାହୁଙ୍କ ମିଳିତ ନେତୃତ୍ୱରେ ଢେଙ୍କିକୋଟ ବଜାର ସଫେଇ କାର୍ଯ୍ୟକ୍ରମ ହୋଇଯାଇଛି। ସଭାପତି, ସମ୍ପାଦକ କହିଛନ୍ତି ସଂଘର ନିଷ୍ପତ୍ତି କ୍ରମେ ସପ୍ତାହର ପ୍ରତ୍ୟେକ ବୁଧବାର ସମସ୍ତ ବ୍ୟବସାୟୀ ମିଳିତ ଭାବେ ବଜାର ସଫେଇ କାର୍ଯ୍ୟକ୍ରମ ଜାରି ରଖିବେ। ପ୍ରତ୍ୟେକ ଦୋକାନୀ ଭାଇ ମାନେ ନିଜ ନିଜ ଦୋକାନ ସମ୍ମୁଖରେ ଗୋଟିଏ ଲେଖାଏ ଡଷ୍ଟବିନ ରଖି ମଇଳା ଆବର୍ଜନା ସେଥିରେ ପକାଇ ସନ୍ଧ୍ୟାରେ ଏକ ନିର୍ଦ୍ଦିଷ୍ଟ କମ୍ପୋଷ୍ଟରେ ପକାଇବାପାଇଁ ସମସ୍ତଙ୍କୁ ସଚେତନ କରଯାଇଛି।

### ବାଲି ବୋଝେଇ ଗାଡ଼ି ଜବତ: ୨ ଗିରଫ

**ଭଣ୍ଡାରିପୋଖରୀ,୩।୧ (ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର କୁଶଗଡ଼ିଆ ଛକ ଓ ମଞ୍ଜୁରୀରୋଡ଼ ଫାଣ୍ଡି ନାଆଁମୀ ଅଞ୍ଚଳରୁ ଶନିବାର ଅପରାହ୍ଣରେ ପୋଲିସ ଚୋରା ବାଲି ପରିବହନ କରୁଥିବା ୨ଟି ଗାଡ଼ି ଜବତ କରିଛି। ଦୁଇ ଗାଡ଼ି ମଧ୍ୟରୁ ଗୋଟିଏ ମିନିଟ୍ରକ ଓ ଏକ ଟ୍ରାକ୍ଟର ରହିଛି। ଡ୍ରାଇଭର ବାଲି ପରିବହନ ସମ୍ପର୍କରେ ଆବଶ୍ୟକ କାଗଜ ଦେଖାଇ ନ ପାରିବାରୁ ପୋଲିସ ଜବତ କରିଥିଲା। ଏ ନେଇ ଥାନାରେ ୨ଟି ମାମଲା (ନଂ.୩/୨୧ ଓ ୪/୨୧) ରୁଜୁ କରାଯାଇଛି। ୨ ଗାଡ଼ି ଚାଳକ ଶମ୍ଭୁନାଥ ନାୟକ ଓ ଶିବ ମୁଣ୍ଡାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି।

### ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ବାରିପଦା ଅଫିସ,୩।୧:** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତ କାଶିଡ଼ିହୀ ସାହିର ଜଣେ ବୃଦ୍ଧ ବୁଡ଼ାବଲଙ୍ଗ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତକ ହେଲେ ବୁଧୁରାମ ସିଂ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ରବିବାର ପୂର୍ବାହ୍ଣରେ ବୁଧୁରାମ ଶୌଚ ହେବା ପାଇଁ ନଦୀକୁ ଯାଇଥିବା ବେଳେ ପାଣିରେ ବୁଡ଼ି ଯାଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି।

# ଆଖଣ୍ଡଳମଣିଙ୍କ ଦର୍ଶନ କଲେ ସର୍ବସାଧାରଣ

- ୯ ମାସ ପରେ ପୀଠ ଚଳଚଞ୍ଚଳ
- କଟକଣା ମାନି ମନ୍ଦିର ପ୍ରବେଶ

**ଆରଡ଼ି, ୩।୧ (ଡି.ଏନ.ଏ.)**

ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ମନ୍ଦିର ରବିବାର ସର୍ବସାଧାରଣଙ୍କ ପାଇଁ ଖୋଲାଯାଇଛି। ସକାଳ ୭ଟା ପରଠାରୁ ଶ୍ରଦ୍ଧାଳୁମାନେ ଧାଡ଼ିରେ ଆସି ବାବାଙ୍କୁ ଦର୍ଶନ କରିଥିଲେ। ୯ ମାସ ପରେ ମନ୍ଦିର ଖୋଲିଥିବାରୁ ଭକ୍ତମାନେ ବହୁତ ଖୁସି ଥିବା ଦେଖିବାକୁ ମିଳିଥିଲା। ହରିବୋଲ, ହୁଳହୁଳି ଏବଂ ଓଁ ନମଃ ଶିବାୟ ଧ୍ୱନିରେ ପୀଠ ପ୍ରକମ୍ପିତ ହୋଇଥିଲା। ବହୁଦିନର ବ୍ୟବଧାନ ପରେ ଚଳଚଞ୍ଚଳ ହୋଇଥିଲା ପୀଠ। ସ୍ଥାନୀୟ ଜନସାଧାରଣ, ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁ, ସେବାୟତ ଓ ବ୍ୟବସାୟୀ ସମସ୍ତେ ମନ୍ଦିର ଖୋଲିବାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ ପୀଠରେ କଟକଣାକୁ କଡ଼ାକଡ଼ି କରିଥିଲା। ୧ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା।



ଆଖଣ୍ଡଳମଣି ମନ୍ଦିରରେ ଶ୍ରଦ୍ଧାଳୁମାନେ ଦର୍ଶନ ପାଇଁ ପ୍ରତୀକ୍ଷା କରିଛନ୍ତି।

ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍‌ରେ ମାସ୍କ ପିନ୍ଧି ସାମାଜିକ ଦୂରତା ରକ୍ଷା ପୂର୍ବକ ଜଣଙ୍କ ପରେ ଜଣେ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ମନ୍ଦିର ପ୍ରବେଶ ପୂର୍ବରୁ ସମସ୍ତଙ୍କର ଥର୍ମାଲ ସ୍କାନିଂ ସହ ହାତ ସାନିଟାଇଜ କରାଯାଇଥିଲା। ଯେଉଁମାନଙ୍କର ଶରୀର ତାପମାତ୍ରା ଅଧିକ ରହିଥିଲା ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରରେ ସେମାନଙ୍କର କୋଭିଡ୍ ଟେଷ୍ଟ କରାଯାଇଥିଲା। ୬୫ବର୍ଷରୁ ଅଧିକ ବୟସର ବୃଦ୍ଧାବୃଦ୍ଧ ଓ ୧୦ ବର୍ଷରୁ କମ୍ ବୟସର ପିଲାଙ୍କୁ ମନ୍ଦିରକୁ ପ୍ରବେଶ ଅନୁମତି ନ ଥିଲା। ଅପରାହ୍ନ ୫ଟା ପର୍ଯ୍ୟନ୍ତ ସର୍ବସାଧାରଣରେ ଦର୍ଶନ ପାଇଁ ସୁଯୋଗ ଦିଆଯାଇଥିଲା। ଚାନ୍ଦବାଲି ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ମହାରଣା, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ, ଧୂଷୁରୀ ଥାନାଧିକାରୀ ପ୍ରଫୁଲ୍ଲ କୁମାର ସିଂ, ସବଇନ୍ସପେକ୍ଟର ଦୁଷ୍ମନ୍ତ ଦାସ ଓ ଆରଡ଼ି ଫାଣ୍ଡି ଅଧିକାରୀ ପ୍ରଦୀପ ନାୟକ ପୀଠରେ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରିଥିଲେ। ଶ୍ରଦ୍ଧାଳୁମାନେ ଶାନ୍ତିଶୃଙ୍ଖଳାର ସହ ଦର୍ଶନ କରିଥିବାରୁ ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ମ୍ୟାନେଜିଂ ଟ୍ରଷ୍ଟି ପିତାମ୍ବର ସାମଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ଖୋଲିଲା ଭଦ୍ରକାଳୀ ମନ୍ଦିର



**ଭଦ୍ରକ ଅଫିସ, ୩।୧**

ଭଦ୍ରକ ଜିଲା ତଥା ଓଡ଼ିଶାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ମା' ଭଦ୍ରକାଳୀଙ୍କ ମନ୍ଦିର ମହାମାରୀ କରୋନା ଯୋଗୁ ଦୀର୍ଘ ୯ ମାସ ବନ୍ଦ ରହିଥିଲା। ଜିଲା ପ୍ରଶାସନର ଗାଇଡ୍‌ଲାଇନ ଅନୁଯାୟୀ ରବିବାର ଉପଜିଲାପାଳ ତଥା ଟ୍ରଷ୍ଟବୋର୍ଡ଼ ସଭାପତି ପିତାମ୍ବର ସାମଲଙ୍କ ତତ୍ତ୍ୱାବଧାନରେ ମନ୍ଦିର ଖୋଲାଯାଇଛି। ଦୀର୍ଘଦିନ ପରେ ମନ୍ଦିର ଖୋଲିଥିବାରୁ ଦର୍ଶନ ଲାଗି ଜିଲା ଓ ଅନ୍ୟ ଜିଲାର ବହୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିଲା। ପ୍ରକାଶ ଯେ, କରୋନା କଟକଣା ସମୟ ମଧ୍ୟରେ ମନ୍ଦିର ଖୋଲାଯାଇ ଦେବନୀତି ହେଉଥିଲା। କିନ୍ତୁ ସର୍ବସାଧାରଣ ଦର୍ଶନ ଓ ବାହାର ପର୍ଯ୍ୟଟକମାନଙ୍କୁ ବାରଣ ରହିଥିଲା।

# ରାଜ୍ୟ ସରକାରଙ୍କ ବିରୋଧରେ ଗର୍ଜିଲା କଂଗ୍ରେସ

**ଭୋଗରାଇ, ୩।୧(ଡି.ଏନ.ଏ.)**

ନୂଆବର୍ଷ ଆରମ୍ଭରୁ କଂଗ୍ରେସ ନେତା ଓ କର୍ମୀମାନେ ଏକାଠି ହୋଇ ଶାସକ ଦଳର ଅପାରଗତା, ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଜନ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ଭୋଗରାଇ କଂଗ୍ରେସ ପକ୍ଷରୁ ଆୟୋଜିତ ଗୁନାଇବସାଣ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପଡ଼ିଆରେ ନେତୃମଣ୍ଡଳୀ କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା-ପଶ୍ଚିମବଙ୍ଗ ସୀମା ସମସ୍ୟାର ସ୍ଥାୟୀ ସମାଧାନ, ପାନ, ଖଡ଼ି, ଇକଡ଼ ଚାଷକୁ କୃଷିର ମାନ୍ୟତା ଦେବା ଦାବିରେ ଦୀର୍ଘବର୍ଷ ଧରି କଂଗ୍ରେସ ନେତୃତ୍ୱରେ ଜନସାଧାରଣ ଆନ୍ଦୋଳନ କରି ଆସୁଥିବା ବେଳେ ରାଜ୍ୟସରକାର ଡୁ ଡୁ ମେଁ ମେଁ ହୋଇ ଅଞ୍ଚଳବାସୀଙ୍କୁ ଧୋକ୍କା ଦେଉଥିବାର କଂଗ୍ରେସ ଅଭିଯୋଗ କରିଛି। ଭୋଗରାଇ ନିର୍ବାଚନମଣ୍ଡଳୀରେ ଶାସକ ଦଳର ଅପାରଗତା ଓ ଦୁର୍ନୀତି ବିକାଶରେ ବାଧକ ହୋଇଛି। ଭୋଗରାଇ ବିଧାୟକ ଶିଳ୍ପମନ୍ତ୍ରୀ ଥିବାବେଳେ ଛୁଞ୍ଚି କାରଖାନାଟିଏ ପ୍ରତିଷ୍ଠିତ କରି ନ ପାରିବାରୁ ବହୁ ଗରିବ ଖଟିଖିଆ ପରିବାର ପ୍ରତିପୋଷଣ କରି ନ ପାରି ଅନ୍ୟ ରାଜ୍ୟକୁ ଦାଦନ ଖଟିବାକୁ ପଳାଇଯିବା ଭୋଗରାଇବାସୀଙ୍କ ପ୍ରତି ଜନପ୍ରତିନିଧିଙ୍କ ଚରମ ବ୍ୟର୍ଥତା ବୋଲି କଂଗ୍ରେସ ସମାଲୋଚନା କରିଛି। ଏଭଳି ସ୍ଥିତିରେ କଂଗ୍ରେସ ଏଣିକି ଚୁପ୍ ହୋଇ ବସିବ ନାହିଁ। କେନ୍ଦ୍ରର କୃଷି ମାରଣ ନୀତି ସହ ରାଜ୍ୟ ଓ କେନ୍ଦ୍ରର ଜନସ୍ୱାର୍ଥ ବିରୋଧୀ ନୀତି ବିରୋଧରେ କଂଗ୍ରେସ ଲଗାତାର ଜନଆନ୍ଦୋଳନ କରିବା ସହିତ ୫୦ ପଞ୍ଚାୟତରେ କଂଗ୍ରେସ କର୍ମୀ ଓ ନେତାଙ୍କୁ ନେଇ ସ୍ୱତନ୍ତ୍ର ରଣକୌଶଳ କରାଯାଇ ପଞ୍ଚାୟତ ଦଖଲ ପାଇଁ ଅଣ୍ଟା ଭିଡ଼ିବାକୁ ନେତାମାନେ ଆହ୍ୱାନ ଦେଇଛନ୍ତି। ଏହି କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ ଅବସରରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସଦର ନିର୍ବାଚନରେ ବିଧାୟକ ପ୍ରାର୍ଥୀ ହୋଇଥିବା ମମତା କୁଣ୍ଡୁ, ମୁଖ୍ୟବକ୍ତା ଭାବେ ଭୋଗରାଇ କଂଗ୍ରେସ ନେତା ସତ୍ୟଶିବ ଦାସ, ସନ୍ତୋଷ କୁମାର ଜେନା, ଆଶିଷ କୁମାର ପାତ୍ର, ଗୋପବନ୍ଧୁ ମହାପାତ୍ର, ମମତା ସାହୁ, ଦୀପେଶ ଚନ୍ଦ୍ର ରାୟ, ସୁଶାନ୍ତ କୁମାର ପାତ୍ର, ବାସନ୍ତୀ ପାତ୍ର, ସୁମନ୍ତ ବେହେରା ପ୍ରମୁଖ ବହୁ ଛାମୁଆ ନେତାମାନେ କଂଗ୍ରେସ ସାଙ୍ଗଠନିକ ଶକ୍ତିକୁ ମଜଭୁତ କରିବା ପାଇଁ ମତପ୍ରକାଶ କରିଥିଲେ। କଂଗ୍ରେସ ନେତା ପ୍ରଦୀପ ମହାନ୍ତି ସଭାପତିତ୍ୱ କରିଥିଲେ।




କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନରେ କଂଗ୍ରେସ ନେତା ସତ୍ୟଶିବ ଦାସ ବକ୍ତବ୍ୟ ରଖୁଛନ୍ତି ।

# ୬ରୁ ଖୋଲିବ ପଞ୍ଚଲିଙ୍ଗେଶ୍ୱର ପୀଠ

**ସଜନାଗଡ଼,୩।୧(ଡି.ଏନ.ଏ.)**

ଦୀର୍ଘ ୯ ମାସର ବ୍ୟବଧାନ ପରେ ଆସନ୍ତା ୬ତାରିଖରୁ ଖୋଲିବ ଉତ୍ତରଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ତଥା ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠ। ଏନେଇ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି। ପୀଠରେ ଥିବା ଛୋଟ ଛୋଟ ଦୋକାନ ତଥା ହୋଟେଲଗୁଡ଼ିକ ଚଳଚଞ୍ଚଳ ହୋଇପଡିଛି। କରୋନା କଟକଣା ଯୋଗୁ ମାର୍ଚ୍ଚ ୨୨ରୁ ପୀଠ ବନ୍ଦ ରହିଥିଲା। ବର୍ତ୍ତମାନ ସବୁଆଡ଼େ ମନ୍ଦିର ତଥା ମଠ ଖୋଲାଯାଉଥିବା ପରିପ୍ରେକ୍ଷୀରେ ପଞ୍ଚଲିଙ୍ଗେଶ୍ୱର ପୀଠ ଖୋଲାଯିବା ପାଇଁ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ରବିବାର ସୂଚନା ଦେଇଛନ୍ତି। ପୀଠରେ କୋଭିଡ୍-୧୯ ଗାଇଡଲାଇନ୍ ପାଳନ ଲାଗି ମଧ୍ୟ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ମନ୍ଦିରରେ ସମସ୍ତେ ମାସ୍କ ପରିଧାନ, ସାନିଟାଇଜର ବ୍ୟବହାର ସହ ସାମାଜିକ ଦୂରତା ରକ୍ଷା କରିବେ। ସେହିପରି ମନ୍ଦିରର ପ୍ରବେଶ ଦ୍ୱାରରେ ଥର୍ମାଲ ସ୍କାନିଂ ସହ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ପୀଠକୁ ଯାଇ ବାବାଙ୍କ ଦର୍ଶନ ସହ ବୁଲିପାରିବେ। ୬୨ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି ଓ ୧୦ବର୍ଷରୁ କମ୍ ଶିଶୁ ଶୈବପୀଠକୁ ପ୍ରବେଶ କରିପାରିବେ ନାହିଁ ବୋଲି ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି। ସେହିପରି ନୀଳଗିରି ଜଗନ୍ନାଥ ମନ୍ଦିର ଖୋଲାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।

# ଦୁର୍ଗମ ଅଞ୍ଚଳରେ କମ୍ବଳ ବଣ୍ଟନ



ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଉଛି।

**ଯୋଡ଼ା, ୩।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ଭୂୟାଁ ରୋଇଡା ପଞ୍ଚାୟତର ବିଭିନ୍ନ ଦୁର୍ଗମ ଅଞ୍ଚଳରେ ଗରିବ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଯୋଡା ବ୍ଲକର ଅପହଞ୍ଚ ତଥା ଦୁର୍ଗମ ଅଞ୍ଚଳ ଭୂୟାଁ ରୋଇଡାରେ ଦାରିଦ୍ର୍ୟ ସୀମାରେଖା ତଳେ ବହୁ ଅଞ୍ଚଳବାସୀ ବସବାସ କରନ୍ତି। ଏମାନଙ୍କ ପାଖରେ ଅର୍ଥ ଅଭାବରୁ ଶୀତବସ୍ତ୍ର କିଣିବାକୁ ସାମର୍ଥ୍ୟ ନଥାଏ। ଏହାକୁ ଦୃଷ୍ଟିରେ ରଖି ବିଜେଡି ଦଳର ରାଜ୍ୟ ପରିଷଦ ସଦସ୍ୟ କୁଶ ଆପଙ୍ଗ ଓ ଭୂୟାଁ ରୋଇଡା ପଞ୍ଚାୟତର ସମିତି ସଭ୍ୟା ତୁଳସୀ ବବଙ୍ଗା ଉପସ୍ଥିତ ରହି କୁନ୍ଦୁରପାଣି, ଭୂୟାଁ ରୋଇଡା ହଟିଂ, ବାରୁ ହଟିଂ, କେତ୍ ହଟିଂ, କୁଲ୍ହ ରୋଇଡା, ଭୂୟାଁ ରୋଇଡା କୋହ୍ଲବସ୍ତି ପ୍ରଭୃତି ଗ୍ରାମର ପ୍ରାୟ ୭୦୦ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ । ଏହି ବଣ୍ଟନ କାର୍ଯ୍ୟରେ ସ୍ଥାନୀୟ ଅଞ୍ଚଳର ସକ୍ରିୟ ସଦସ୍ୟ ଦଶରଥ ଓରାମ, ଭାନୁମତୀ ନାଏକ, ଜନ୍ ହେମ୍ବ୍ରମ, କିଶୋର ବାଲମୁଚୁ, ସଞ୍ଜୟ ଦାସ, ସୁଶିଲ ନାଏକ, ଜୟ ପ୍ରଧାନ, ପ୍ରଶାନ୍ତ ଆପଙ୍ଗ, ଛୁଙ୍କୁ ନାଏକ ଓ ଯୋଡା ପୌରପାଳିକାର ପୂର୍ବତନ କାଉନସିଲର ସନ୍ତୋଷ କୁମାର ବଳ ପ୍ରମୁଖ ସହଯୋଗ କରିଥିଲେ।

# ଖୁଣ୍ଟାପାଳ ଗାଁରୁ ଶାଗୁଣା ଉଦ୍ଧାର

**ଚିତ୍ରଡ଼ା,୩।୧(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବନବିଭାଗ ରବିବାର ଖୁଣ୍ଟାପାଳ ଗାଁରୁ ଏକ ଶାଗୁଣା ଉଦ୍ଧାର କରିଛି। ଗାଁରେ ଥିବା ଏକ କୁସୁମ ଗଛର ସରୁ ଡାଳରେ ବସିଥିବା ବେଳେ ଓଜନ ସମ୍ଭାଳି ନ ପାରି ଡାଳଟି ଭାଙ୍ଗି ପଡ଼ିବାରୁ ଶାଗୁଣାଟି ତଳକୁ ଖସି ପଡ଼ିଥିଲା। ଫଳରେ ତଳେ ପଡ଼ି ଆହତ ହେବାରୁ ଶାଗୁଣାଟି ଉଡ଼ି ପାରି ନ ଥିଲା। ସ୍ଥାନୀୟ ଲୋକେ ଏନେଇ ବନବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀ ପହଞ୍ଚି ଶାଗୁଣାଟିକୁ ବିଭାଗୀୟ କାର୍ଯ୍ୟାଳୟକୁ ଆଣି ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ପ୍ରାଣୀ ଚିକିତ୍ସକ ପୀୟୁଷ ସୋରେନ ପହଞ୍ଚି ତାହାର ଚିକିତ୍ସା କରିଥିଲେ। ତେବେ ଶାଗୁଣାଟି ସୁସ୍ଥ ଥିବା ଏବଂ ଏହାର ଓଜନ ୧୫ କିଲୋରୁ ଅଧିକ ହେବ ବୋଲି ବନବିଭାଗ ସୂଚନା ଦେଇଛି। ଆସନ୍ତାକାଲି ଶାଗୁଣାଟିକୁ ଶିମିଳିପାଳ ଜାତୀୟ ଉଦ୍ୟାନରେ ଛାଡ଼ି ଦିଆଯିବ ବୋଲି ରାସଗୋବିନ୍ଦପୁର ରେଞ୍ଜର ପ୍ରଶାନ୍ତ ବେହେରା ପ୍ରକାଶ କରିଛନ୍ତି। ଶାଗୁଣାକୁ ଦେଖିବା ପାଇଁ ରେଞ୍ଜ ଅଫିସରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଛି ।



ଉଦ୍ଧାର ହୋଇଥିବା ଶାଗୁଣା।

# ବିଧାୟକଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ,୩।୧**

ବାଲେଶ୍ୱର ବିଡିସିଡିଏ (ଡିଷ୍ଟ୍ରିକ୍ଟ କେମିଷ୍ଟ ଏବଂ ଡ୍ରଗିଷ୍ଟ ଆସୋସିଏନ୍) ତରଫରୁ ୨୦୨୧ ନବବର୍ଷ ପ୍ରାରମ୍ଭରେ ବାଲେଶ୍ୱର ବିଧାୟକ ସ୍ୱରୂପ ଦାସଙ୍କୁ ସାକ୍ଷାତ କରି ସମ୍ବର୍ଦ୍ଧନା ଜଣାଯାଇଛି। ଏହି ସମୟରେ ବିଡିସିଡିଏର ସମ୍ପାଦକ ଅକ୍ଷୟ କୁମାର ବେହେରା, କୋଷାଧ୍ୟକ୍ଷ ଅଶୋକ କୁମାର ଦାସ, ସଦସ୍ୟ ଅତୁଲ କୁମାର ଶତପଥୀ, ସଞ୍ଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀ ବୀର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**କପ୍ତିପଦା,୩।୧(ଡ଼ି.ଏନ୍.ଏ)**

ଆଦି ସଂସ୍କୃତି ଏବଂ ବିଜ୍ଞାନ ସଂସ୍ଥାନ ଆନୁକୁଲ୍ୟରେ ଲାବଣ୍ୟଦେଇପୁର ପଞ୍ଚାୟତର କାନକୁମୁରାଠାରେ ୧୮୧୭ରେ ଝାଡ଼ଖଣ୍ଡର 'ସେରେଙ୍ଗ୍ ସେୟା' ଘାଟିଠାରେ ପଟ୍ଟ ହୋଙ୍କ ନେତୃତ୍ୱରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବିରୁଦ୍ଧରେ ଲଢ଼େଇ କରି ଶହୀଦ ହୋଇଥିବା, ଖରସୁଆଁ ଗଣସଂହାର ଏବଂ କଳିଙ୍ଗ ନଗର ଗୁଳିକାଣ୍ଡରେ ସହିଦ ହୋଇଥିବା ଆଦିବାସୀ ବୀରମାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସମିତି ସଭ୍ୟ କାଇରା ସିଂ ବାନ୍ଦିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଚମ୍ପାଏ ସିଂ ସୁଣ୍ଡି, ଦୁବରାୟ ସିଂ ସଏ, ନାନ୍ଦୁ ସିଂ ବୁଲିଉଲି ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ପରିପ୍ରେକ୍ଷୀରେ ଡ଼ିଡ଼ି କଲିକତା ହୋ ନ୍ୟୁଜ୍‌ର ଉଦ୍ୟୋକ୍ତା ରାମଦେବ ବଇପାଇ ଝାଡ଼ଖଣ୍ଡ ରାଜ୍ୟରୁ ମୁଖ୍ୟ ସଚେତକ ଭାବେ ଯୋଗଦେଇ ଓଡ଼ିଶାରେ ହୋ ସଂପ୍ରଦାୟ ଉପରେ ଅତ୍ୟାଚାରର ସୀମା ଟପିଛି ବୋଲି ପ୍ରକାଶ କରିଥିଲେ।

# ଅସହାୟଙ୍କ ପାଇଁ ବସ୍ତ୍ରଭଣ୍ଡାର

**ବାଲେଶ୍ୱର ଅଫିସ,୩।୧**

ବାଲେଶ୍ୱର ସହର ଗଡ଼ଗଡ଼ିଆ ଛକ ନିକଟରେ ଅସହାୟ ଓ ଗରୀବଙ୍କ ପାଇଁ 'ଦି ନ୍ୟୁ ହୋପ୍ ବସ୍ତ୍ର ଭଣ୍ଡାର' ସ୍ଥାପନ କରାଯାଇଛି। ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ ଯୋଗଦେଇ ରବିବାର ୧୧ଟା ସମୟରେ ଏହି ବସ୍ତ୍ରଭଣ୍ଡାରକୁ ଉଦ୍‌ଘାଟନ କରିଥିଲେ। ଏହାଦ୍ୱାରା ବହୁ ଲୋକ ଉପକୃତ ହେବା ସହ ସାରା ରାଜ୍ୟରେ ଏକ ଭଲ ବାର୍ତ୍ତା ପ୍ରଦାନ କରିବ ବୋଲି ପ୍ରକାଶ କରିଥିଲେ।

ସହରର ସମସ୍ତ ଲୋକ ନିଜର ବଳକା, ପିନ୍ଧିବା ଉପଯୋଗୀ ସଫା ପ୍ୟାଣ୍ଟ, ଶାର୍ଟ, ଶାଢ଼ୀ, ଡ୍ରେସ, ଶୀତବସ୍ତ୍ର ଏବଂ ଜୋତା ଇତ୍ୟାଦି ରଖିପାରିବେ ଏବଂ ବସ୍ତ୍ର ଆବଶ୍ୟକ କରୁଥିବା ଅସହାୟ ଲୋକ ନିଜ ଦରକାର ମୁତାବକ ଉକ୍ତ ସାମଗ୍ରୀ ଭଣ୍ଡାରରୁ ନେଇପାରିବେ। ଟ୍ରାଫିକ୍ ଥାନା ଅଧିକାରୀ ମୋନାଲିସା କର ଉପସ୍ଥିତ ରହି ଅନୁଷ୍ଠାନର ସଦସ୍ୟମାନଙ୍କୁ ଉତ୍ସାହିତ କରିବା ସହ ସ୍ୱହସ୍ତରେ ସେଠାରେ ଉପସ୍ଥିତ ଥିବା ଗରିବ ଲୋକଙ୍କୁ ବସ୍ତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ସହରର ଅନ୍ୟ ସ୍ଥାନମାନଙ୍କରେ ଏହିଭଳି ବସ୍ତ୍ରଭଣ୍ଡାର ଖୋଲାଯିବାର ଯୋଜନା ଥିବା କଥା ସଙ୍ଗଠନର ମୁଖ୍ୟ ସଂଗ୍ରାମ ପଣ୍ଡା କହିଥିଲେ। ବହୁ ଲୋକମାନେ ନିଜ ଇଚ୍ଛାରେ ନିଜର ବଳକା ବସ୍ତ୍ର ଆଣି ରଖିବାର ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମରେ ସଙ୍ଗଠନର ଅଶ୍ୱିନୀ ଦାସ, ରାଜେଶ ବର୍ମା, ରବୀନ୍ଦ୍ର ପତି, ଅଶୋକ ଆଧ, ତପନ ଜେନା, ଅଜତ ପତି, ରଞ୍ଜିତା ପ୍ରଧାନ, ସାଗରିକା ମହାନ୍ତି, ପ୍ରଦୀପ ଶତପଥି, ଗିରିଜା ଦାସ, ବିପ୍ଳବ ଦାସ ଓ ଚନ୍ଦନ ମଲ୍ଲିକ ପ୍ରମୁଖ ସଦସ୍ୟ ସକ୍ରିୟ ଭୂମିକା ଗ୍ରହଣ କରିବା ସହ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ।



ଅତିରିକ୍ତ ଜିଲାପାଳ ସମ୍ବିତ ନାୟକ ଅସହାୟଙ୍କୁ ବସ୍ତ୍ର ପ୍ରଦାନ କରୁଛନ୍ତି।

# ପେନ୍‌ସନ ପ୍ରଦାନରେ ଅବହେଳା ଅଭିଯୋଗ

**ବାଲେଶ୍ୱର ଅଫିସ,୩।୧**

ବାଲେଶ୍ୱର ସହର ସ୍ଥିତ ପଡୁଆଁପଦା ସ୍ଥିତ ଓଡ଼ିଶା ଉଠା ଜଳସେଚନ ନିଗମ କାର୍ଯ୍ୟାଳୟରେ ସଂଘର ଏକ ବୈଠକ ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଫେଡେରେଶନ୍ ଆହ୍ୱାନରେ ଆସନ୍ତା ୨୦ ତାରିଖରେ ଭୁବନେଶ୍ୱର ସ୍ଥିତ ଭବିଷ୍ୟନିଧି ଭବନ ସମ୍ମୁଖରେ ହେବାକୁ ଥିବା ଗଣଧାରଣାରେ ଯୋଗଦେବା ସହ ସେମାନଙ୍କର ଦାବିକୁ ଉପସ୍ଥାପନା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ ଜିଲାର ସଦସ୍ୟମାନେ ଯୋଗଦେଇଥିଲେ।

ଓଡ଼ିଶା ଉଠା ଜଳସେଚନ ନିଗମରେ ଦୀର୍ଘବର୍ଷ କାର୍ଯ୍ୟକରି ଅବସର ନେଇଥିବା କର୍ମଚାରୀମାନଙ୍କୁ ଇପିଏଫ୍ ସଂସ୍ଥା ପେନସନ୍ ପ୍ରଦାନ କରି ନ ଥିବାରୁ ଓ ପେନସନ୍ ପାଇଥିବା ପ୍ରାୟ ୫ ହଜାର କର୍ମଚାରୀଙ୍କୁ ପେନସନ୍ ପ୍ରଦାନ ପରେ ବଳକା ଅର୍ଥ ଫେରସ୍ତ କରୁନାହାନ୍ତି। ବହୁବାର ଆବେଦନ ନିବେଦନ କଲେ ମଧ୍ୟ ଏହି ବରିଷ୍ଠ ନାଗରିକମାନଙ୍କ ଆଇନଗତ ଯଥାର୍ଥ ଦାବିକୁ ଇପିଏଫ୍ କର୍ତ୍ତୃପକ୍ଷ କର୍ଣ୍ଣପାତ କର ନ ଥିବା ଅଭିଯୋଗ ହୋଇଛି। କରୋନା ମହାମାରୀ ସଙ୍କଟବେଳେ ବହୁ ବରିଷ୍ଠ ନାଗରିକ ସେମାନଙ୍କ ପ୍ରାପ୍ୟ ନ ପାଇ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କ ବିଧବା ସ୍ତ୍ରୀମାନଙ୍କୁ ମଧ୍ୟ ପେନ୍‌ସନ୍ ଦିଆଯାଉନାହିଁ। ଅନ୍ୟପକ୍ଷରେ ସର୍ବନିମ୍ନ ପେନ୍‌ସନ୍ ମାସିକ ପେନ୍‌ସନ୍ ଏକ ହଜାରରୁ ୯ହଜାର ଟଙ୍କାକୁ ବୃଦ୍ଧି, ବେତନ ଅନୁପାତରେ ଅଧିକ ପେନସନ୍‌ସହ ମହଙ୍ଗା ଭତ୍ତା ଓ ସରକାରୀ ସ୍ୱାସ୍ଥ୍ୟବୀମା ଯୋଗାଇଦେବାକୁ ଦାବି କରାଯାଇଛି। ଏଆଇଟିୟୁସିର ଜିଲା ସଭାପତି ଭାଗବତ ପ୍ରତିହାରୀ ବୈଠକରେ ଯୋଗଦେଇ ପ୍ରସ୍ତାବିତ ଆନ୍ଦୋଳନକୁ ଦୃଢ଼ ସମର୍ଥନ ଜଣାଇଥିଲେ। ବୈଠକରେ ସଂଘର ସମ୍ପାଦକ ଶ୍ୟାମସୁନ୍ଦର ଜେନା, ମାୟାଧର ନାୟକ, ରତ୍ନାକର ପଣ୍ଡା, କାର୍ତ୍ତିକ ନାୟକ, ରାମଚନ୍ଦ୍ର ପଣ୍ଡା, ଶଶଧର ପରିଡ଼ା, ହରେକୃଷ୍ଣ ବେହେରା ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

**୨୦ରୁ ଗଣଧାରଣା**



ବୈଠକରେ ଉଠା ଜଳସେଚନ କର୍ମଚାରୀ ସଂଘର କର୍ମକର୍ତ୍ତା ।

## ଯୁବକଙ୍କୁ ଠେଙ୍ଗାରେ ପିଟି ହତ୍ୟା ଘଟଣା: ୩ ଗିରଫ

ପଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଏରେଣ୍ଡେଇ ପଞ୍ଚାୟତ ରଜାଭା ସାପ୍ତାହିକ ହାଟରେ ଶୁକ୍ରବାର ସନ୍ଧ୍ୟାରେ ପଲାଣଘାଟି ପଞ୍ଚାୟତ କୁମୁଲାବାହାଲି ଗ୍ରାମର ହେମନ୍ତ ମହାନ୍ତଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ପରେ ହେମନ୍ତଙ୍କର ଚିକିତ୍ସାଧୀନ ଅବସ୍ଥାରେ ଶନିବାର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ରବିବାର ପୋଲିସ ଗିରଫ କରିଛି। ସେମାନେ ହେଲେ ଏରେଣ୍ଡେଇ ମୁଣ୍ଡା ସାହିର ଟିମା ମୁଣ୍ଡା, ଶିବ ମୁଣ୍ଡା ଓ ରଥ ମୁଣ୍ଡା। ପୋଲିସ ଏନେଇ ଏକ ହତ୍ୟା ମାମଲା (ନଂ.୨/୨୧) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

**ସଂକ୍ଷେପରେ**

### ଘର, ଦୋକାନ ଉପରେ ମାଡ଼ିଗଲା ହାଇୱା

ରାଇରଙ୍ଗପୁର,୩।୧(ଡ଼ି.ଏନ୍.ଏ): ମୟୂରଭଞ୍ଜ ଜିଲା ବହଳଦା ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱ ଗମ୍ଭାରିଆ ଗ୍ରାମର ଦୁଇଟି ଦୋକାନ ଓ ଜଣଙ୍କ ଘର ଉପରେ ଶନିବାର ଏକ ହାଇୱା ମାଡ଼ିଯାଇଥିଲା। ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିବା ବେଳେ ରବିବାର ସକାଳେ ପୋଲିସ ହାଇୱାକୁ ଜବତ କରିଛି। ଏହି ଦୁର୍ଘଟଣାରେ ଦୋକାନ ସମେତ ବାସଗୃହ ଭାଙ୍ଗି ନଷ୍ଟ ହୋଇଛି। ଉକ୍ତ ଘରେ ଶୋଇଥିବା ପରିବାର ବର୍ଗ ସୌଭାଗ୍ୟକ୍ରମେ ବର୍ତ୍ତି ଯାଇଥିବା ସୂଚନା ମିଳିଛି।

### ଭଦ୍ରକକୁ ୫ ନୂଆ ୧୦୮ ଆମ୍ବୁଲାନ୍ସ

ଭଦ୍ରକ ଅଫିସ, ୩।୧: ଭଦ୍ରକ ଜିଲାରେ ୧୮ଟି ୧୦୮ ଆମ୍ବୁଲାନ୍ସ ଥିଲା। ଏହିସବୁ ଆମ୍ବୁଲାନ୍ସକୁ ଜିଲାର ୭ ବ୍ଲକ, ଭଦ୍ରକ ସହର ଓ ୩ଟି ଏନ୍ଏସି ଇଲାକାରେ ନିୟୋଜିତ କରାଯାଇଥିଲା। ଶୁକ୍ରବାର ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ନୂଆ ୮୪ଟି ୧୦୮ ଆମ୍ବୁଲାନ୍ସ ଉତ୍ସର୍ଗ କରିଛନ୍ତି। ଏହି କ୍ରମରେ ଭଦ୍ରକ ଜିଲାକୁ ୫ଟି ଆମ୍ବୁଲାନ୍ସ ମିଳିଛି। ଏହାକୁ ମିଶାଇ ଜିଲାରେ ଏହି ଆମ୍ବୁଲାନ୍ସ ସଂଖ୍ୟା ୨୩ରେ ପହଞ୍ଚିଛି। ଭଦ୍ରକ ବ୍ଲକର ସାବରଙ୍ଗ ଓ ଆମ୍ବରୋଳି, ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରିରୋଡ଼, ଚାନ୍ଦବାଲିର ମତୋ ଓ ବାସୁଦେବପୁର ବାରାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏହି ନୂଆ ଆମ୍ବୁଲାନ୍ସ ରହିବ ବୋଲି ସ୍ଥିର କରାଯାଇଥିବା ଜିଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ସାହିତ୍ୟ ସଂସଦର ସାରସ୍ୱତ ସମାରୋହ

ଖଇରା, ୩।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୋର ଗ୍ରାମରେ କୁନ୍ତଳା କଲ୍ୟାଣୀ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶୁକ୍ରବାର ସାରସ୍ୱତ ସମାରୋହ ଏବଂ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଭାପତି ସୁଦାମ ଚରଣ ନାୟକ ଅଧକ୍ଷତା କରିଥିଲେ। ସମ୍ପାଦକ ଲମ୍ବୋଦର ନନ୍ଦ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଆୟୋଜିତ କବିତା ପାଠୋତ୍ସବରେ କୁନ୍ତଳା ମହାରଥା, କଲ୍ୟାଣୀ ପଣ୍ଡା, କୁଞ୍ଜଲତା ମାହୁନ୍ତ, ବଂଶୀଧର ନାୟକ, ବୀଣାପାଣି ନାୟକ, ଅଚ୍ୟୁତ କୁମାର ପଣ୍ଡା, ବାବାଜୀ ଚରଣ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଭାପତି ଓ ସମ୍ପାଦକଙ୍କ ଦ୍ୱାରା କବିତାଗୁଡିକର ସମୀକ୍ଷା କରାଯାଇଥିଲା।

# ଘୋଷଣାରେ ଅଟକିଛି କ୍ରାଫ୍ଟ ଟୁରିଜମ୍ କେନ୍ଦ୍ର

**ବଢୁଛି ଅସନ୍ତୋଷ**

କେନ୍ଦୁଝର, ୩।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଟେରାକୋଟା ଗ୍ରାମ ହଳଧରପୁରକୁ କ୍ରାଫ୍ଟ ଗ୍ରାମ ଭାବେ ଅଭିବୃଦ୍ଧି କରିବା ପାଇଁ ସରକାର ଗତବର୍ଷ ଘୋଷଣା କରିଥିଲେ ହେଁ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏହି ଗ୍ରାମକୁ ଯିବା ପାଇଁ ଜାତୀୟରାଜପଥ ୨୦ କଡ଼ରେ ଥିବା ଟେରାକୋଟା ଗ୍ରାମ ବାଟହରିଚନ୍ଦନପୁରଠାରେ (କଳା ଓ ସ୍ଥାପତ୍ୟ ପର୍ଯ୍ୟଟନ କେନ୍ଦ୍ର ) କ୍ରାଫ୍ଟ ଟୁରିଜମ୍ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଉଛି । ଏନେଇ ଗତବର୍ଷ ନଭେମ୍ବରରେ ଏକ କମିଟି ଉକ୍ତ ଅଞ୍ଚଳ ଯାଇ ଅନୁଧ୍ୟାନ କରିଥିଲେ। ଏହି କମିଟିରେ ହ୍ୟାଣ୍ଡଲୁମ୍, ଟେକ୍ସଟାଇଲ ଓ ହ୍ୟାଣ୍ଡିକ୍ରାଫ୍ଟ ବିଭାଗର ଯୁଗ୍ମ ସଚିବ ବି.କେ. ପତି ଓ ହସ୍ତକଳା ଓ କୁଟୀରଶିଳ୍ପ ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର ଅଧିକାରୀ ସନାତନ ନାୟକ ପରିଦର୍ଶନ କରିଥିଲେ। ଏହା ଦ୍ୱାରା ସ୍ଥାନୀୟ କଳା ସ୍ଥାପତ୍ୟର ପ୍ରଦର୍ଶନ କରିବା ସହ ପର୍ଯ୍ୟଟକମାନଙ୍କ ରହିବା ଓ ଖାଦ୍ୟପେୟ ଆଦିର ସୁବିଧା ହେବ। ଏହାକୁ ନେଇ ସ୍ଥାନୀୟ ଲୋକମାନେ ବେଶ୍ ଖୁସି ବ୍ୟକ୍ତ କରିଥିଲେ ହେଁ ବିଳମ୍ବ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ହଳଧରପୁର ହସ୍ତକଳା ଗ୍ରାମକୁ ନେଇ ବାଟହରିଚନ୍ଦନପୁର ଠାରେ ପର୍ଯ୍ୟଟକଙ୍କ ପାଇଁ ଏକ କ୍ରାଫ୍ଟ ଟୁରିଜମ୍ ସେଣ୍ଟର ପ୍ରତିଷ୍ଠା କରାଯିବ। ଏଥିପାଇଁ ପାଖାପାଖି ୧ ଏକର ଜମି ଚିହ୍ନଟ କରାଯାଇଛି । ଭିତ୍ତିଭୂମିର ବିକାଶ କରିବା ଲାଗି ୧କୋଟି ଟଙ୍କା ଖର୍ଚ୍ଚ ହେବ। ଜିଲା ବାହାର ତଥା ଦେଶବିଦେଶରୁ ଆସିଥିବା ପର୍ଯ୍ୟଟକଙ୍କୁ ଟେରାକୋଟା ସାମଗ୍ରୀ ବିଷୟରେ ଅବଗତ କରିବା ସହ ଏହି ସାମଗ୍ରୀର ନିର୍ମାଣ କଳା ବିଷୟରେ ସୂଚନା ଦେବା ପାଇଁ ଏହି କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଏଠାରେ ପର୍ଯ୍ୟଟକମାନଙ୍କ ସୁବିଧା ପାଇଁ ବିଶ୍ରାମ ଗୃହ ସହ ଶୌଚ, ଖାଦ୍ୟପାନୀୟ ଆଦିର ବ୍ୟବସ୍ଥା କରାଯିବ। ସେହିପରି ଟେରାକୋଟା ସାମଗ୍ରୀର ପ୍ରଦର୍ଶନ ପାଇଁ ସେଠାରେ ଟ୍ରେନିଂ କମ୍ ଡିସପ୍ଲେ ସେଣ୍ଟର ପ୍ରତିଷ୍ଠା କରାଯିବ। ଟୁରିଷ୍ଟ ଗାଇଡ୍ ନିଯୁକ୍ତି ହେବେ। ସେମାନେ ପର୍ଯ୍ୟଟକଙ୍କୁ ହଳଧରପୁର କଳାଗ୍ରାମକୁ ନେଇ ବୁଲାଇ ଦେଖାଇବେ। ଏହା ବ୍ୟତୀତ ଆଖପାଖରେ ଥିବା ପର୍ଯ୍ୟଟନ କେନ୍ଦ୍ର ସମ୍ବନ୍ଧରେ ଅବଗତ କରାଇବା ସହ ସହାୟତା କରିବେ । ଏନେଇ ଡିଆଇସି ଜିଏମ କୃଷ୍ଣଚନ୍ଦ୍ର ନାୟକ କହିଛନ୍ତି ଯେ, ଏହି ଟୁରିଜମ୍ କେନ୍ଦ୍ରର ବିକାଶ ପାଇଁ ଏଭଳି ପଦକ୍ଷେପ ନିଆଯାଉଛି। ଯଦ୍ଦ୍ୱାରା ସ୍ଥାନୀୟ ଟେରାକୋଟା ଶିଳ୍ପୀମାନେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରି କରି ଉପକୃତ ହୋଇପାରିବେ। ତେବେ ଏସମ୍ପର୍କରେ ପର୍ଯ୍ୟଟନ ଅଧିକାରୀ ରମେଶ ଚନ୍ଦ୍ର ନାୟକ କହିଛନ୍ତି ଯେ, ଜିଲାରେ ପ୍ରଥମ କରି ଟେରାକୋଟା କାରୁକାର୍ଯ୍ୟକୁ ପର୍ଯ୍ୟଟନକ୍ଷେତ୍ରର ମାନ୍ୟତା ଦେଇ ଅଧିକ ଆକର୍ଷଣୀୟ କରିବା ପାଇଁ ପଦକ୍ଷେପ ନିଆଯାଉଛି।

## ରାଜେଶ ଯାଦବ ମହାସଭାର ଯୁବ ସଭାପତି



ଅନ୍ୟ କର୍ମକର୍ତ୍ତାଙ୍କ ସହ ରାଜେଶ(ବାମରୁ ଦ୍ୱିତୀୟ)।

ଖଇରା, ୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ବିଶିଷ୍ଟ ଯାଦବ ନେତା ଇଂ. ରାଜେଶ ମହାକୁଡ ଏସ୍ଆର ଗ୍ରୁପ ତଥା ସମ୍ଭାବନା ଟ୍ରଷ୍ଟ ମାଧ୍ୟମରେ ଗରିବଙ୍କୁ ସହାୟତା ପ୍ରଦାନ କରି ଚର୍ଚ୍ଚାରେ ରହିଛନ୍ତି। ନିକଟରେ ତାଙ୍କୁ ଜିଲା ଯାଦବ ମହାସଭାର କାର୍ଯ୍ୟକାରିଣୀ ସାଙ୍ଗଠନିକ କମିଟିରେ ଯୁବ ସଭାପତି ଭାବେ ମନୋନୀତ କରାଯାଇଛି । ଏହି ନିଯୁକ୍ତ ପରେ ତାଙ୍କୁ ଖଇରା ଯାଦବ ଗୋଷ୍ଠୀ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଖଇରାରେ ଯାଦବମାନଙ୍କୁ ସଙ୍ଗଠିତ କରିବାକୁ ଉଦ୍ୟମ କରିବେ। ସେମାନଙ୍କର କଲ୍ୟାଣ ଲାଗି ଯଥାସମ୍ଭବ ପ୍ରୟାସ ଜାରି ରଖିବେ ବୋଲି ନବନିଯୁକ୍ତ ସଭାପତି ସଭାପତି ଇଂ. ମହାକୁଡ ପ୍ରକାଶ କରିଛନ୍ତି ।

# ଭାଜପା ପକ୍ଷରୁ ନିଧି ସଂଗ୍ରହ ଅଭିଯାନ




ନିଧି ସଂଗ୍ରହ ଅଭିଯାନ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ସୂଚନା ଦେଉଛନ୍ତି।

ବାଲେଶ୍ୱର ଅଫିସ,୩।୧

ବାଲେଶ୍ୱର ଜିଲା ଭାଜପା ପକ୍ଷରୁ ଭବ୍ୟ ରାମ ମନ୍ଦିର ନିର୍ମାଣ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ନିଧି ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଛନ୍ତି। ୩୫ଲକ୍ଷରୁ ଉର୍ଦ୍ଧ୍ୱ ବଳିଦାନ, ଦୀର୍ଘ ୫୦୦ ବର୍ଷରୁ ଅଧିକ ଓ ୨୧ ପିଢ଼ୀର ସଂଗ୍ରାମର ଫଳ ସ୍ୱରୂପ ଅଯୋଧ୍ୟାରେ ନିର୍ମାଣ ହେବାକୁ ଯାଉଥିବା ଭବ୍ୟ ଶ୍ରୀରାମ ମନ୍ଦିର ପାଇଁ କେନ୍ଦ୍ରୀୟ ନିଷ୍ପତ୍ତି କ୍ରମେ ଅଭିଯାନ ଶୁଭାରମ୍ଭ କରାଯାଇଥିବା ପ୍ରକାଶ କରିଛନ୍ତି।

ରେମୁଣା ଭାଜପା କାର୍ଯ୍ୟାଳୟରେ ଆୟୋଜିତ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକରେ ଉକ୍ତ ଅଭିଯାନ ଆସନ୍ତା ୧୫ରୁ ୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବଧି ଆଗରୁ ବା ପରେ କୌଣସି ପ୍ରକାରର ଅଭିଯାନ ବୈଧ ହେବ ନାହିଁ। ସଂଗୃହୀତ ରାଶି ଅଧିକୃତ ବ୍ୟକ୍ତିମାନେ ବ୍ୟାଙ୍କରେ ଜମା କରିପାରିବେ। ଏହି କାର୍ଯ୍ୟ ଭାଜପା କରୁଥିଲେ ହେଁ ଏହା କୌଣସି ରାଜନୈତିକ କାର୍ଯ୍ୟକ୍ରମ ହୋଇ ନ ଥିବାରୁ ସମସ୍ତ ହିନ୍ଦୁ ପରିବାର ସହିତ ସମ୍ପର୍କ କରିବା ପାଇଁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦିଆଯାଇଛି। ଏହି ପବିତ୍ର କାର୍ଯ୍ୟକୁ ନିଷ୍ଠା ଓ ସତ୍ୟତାର ସହିତ ସମ୍ପାଦନା କରିବେ ବୋଲି ଅଭିଯାନରେ ଭାଗ ନେଉଥିବା କାର୍ଯ୍ୟକର୍ତ୍ତାମାନେ ମତବ୍ୟକ୍ତ କରିଥିଲେ। ନିଧୀ ସଂଗ୍ରହ ଅଭିଯାନର ଜିଲା ସଂଯୋଜକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭିଯାନର ରାଜ୍ୟ ସଂଯୋଜକ ମନମୋହନ ସାମଲ, ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଅଭିଯାନର ଜିଲା ସଦସ୍ୟ ଅରବିନ୍ଦ ବାରିକ, ଅଂଶୁମାନ ମହାନ୍ତି ଓ ଅଜୟ ସାହୁ, ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ, ସୋର ବିଧାୟକ ପ୍ରାର୍ଥୀ ରାକେଶ ମଲ୍ଲିକ, ବାଲେଶ୍ୱର ବିଧାୟକ ପ୍ରାର୍ଥୀ ମାନସ ଦତ୍ତ, ବିଧାନସଭା ପ୍ରଭାରୀ, ୧୩ ଖଣ୍ଡ ପ୍ରମୁଖଙ୍କ ସମେତ ଅନେକ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଖବରଦାତାଙ୍କୁ ଆକ୍ରମଣ ଘଟଣା: ଅଭିଯୁକ୍ତ ଗିରଫ

ବାରିପଦା ଅଫିସ,୩।୧

ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଞ୍ଚଳରେ ଥିବା ପର୍ଯ୍ୟଟନସ୍ଥଳୀକୁ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଖବରଦାତାଙ୍କୁ ଜନୈକ ବ୍ୟକ୍ତି ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୨/୨୧) କରି ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ନୋଟିସ୍ ଦେଇ ଛାଡ଼ିଛି । ଅଭିଯୁକ୍ତ ହେଲେ କୋଚିଲାଖୁଣ୍ଟା ଗ୍ରାମର ସତ୍ୟରଞ୍ଜନ ସାହୁ। ନୂଆବର୍ଷରେ କୋଚିଲାଖୁଣ୍ଟା ପଞ୍ଚାୟତରେ ଥିବା ପାଉଁଶିଆ ବନ୍ଧକୁ ପର୍ଯ୍ୟଟକମାନେ ପିକନିକ୍ ପାଇଁ ଆସିଥିଲେ । ଅଭିଯୁକ୍ତ ସତ୍ୟରଞ୍ଜନ ତାଙ୍କ ସହଯୋଗୀଙ୍କ ସହ ବନ୍ଧ ନିକଟରେ ପହଞ୍ଚି ପର୍ଯ୍ୟଟକଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିଲେ । ଖବର ସଂଗ୍ରହ ପାଇଁ ଯାଇଥିବା ଖବରଦାତା ସରୋଜ କୁମାର ଦାଶ ଏହାକୁ ବିରୋଧ କରିବାରୁ ସତ୍ୟରଞ୍ଜନ ତାଙ୍କୁ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସ୍ଥାନୀୟ ଲୋକେ ଖବରଦାତାଙ୍କୁ ଉଦ୍ଧାର କରିବା ପରେ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା।

## ମନ୍ଦିର ଖୋଲିବାକୁ ଚିଠି ଲେଖିଲେ ବିଧାୟକ

**୫ରେ ମୌନବ୍ରତ, ଧାରଣା**

କେନ୍ଦୁଝର, ୩।୧ (ସ୍ୱ.ପ୍ର.)

ରାଜ୍ୟର ବିଭିନ୍ନ ଜିଲାର ପ୍ରମୁଖ ଦେବଦେବୀ ପୀଠ ଓ ମନ୍ଦିର ଖୋଲିଥିବା ବେଳେ କେନ୍ଦୁଝରର ପୀଠ ଓ ମନ୍ଦିର ଖୋଲିବାରେ ବିଳମ୍ବ ହେଉଥିବାରୁ ଅସନ୍ତୋଷ ବଢୁଛି। ଜିଲାର ଅଧିଷ୍ଠାତ୍ରୀ ଘଟଗାଁ ମା' ତାରିଣୀ ଓ ପୁରୁଣା ସହରର ଶ୍ରୀବଳଦେବଜୀଉ ମନ୍ଦିର ଖୋଲିବାରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନିକ ଅବହେଳା ଓ ଆନ୍ତରିକତା ଅଭାବ ଯୋଗୁ ମନ୍ଦିର ଖୋଲାଯାଇ ପାରୁ ନ ଥିବା କହି ବିଭିନ୍ନ ମହଲରେ ଉଦ୍‌ବେଗ ପ୍ରକାଶ କରାଯାଇଛି। ଏହାକୁ ନେଇ ସଦର ବିଧାୟକ ମୋହନ ମାଝୀ ଭକ୍ତଙ୍କ ଭାବାବେଗ ଏବଂ ଏହା ଉପରେ ନିର୍ଭରଶୀଳ ବ୍ୟବସାୟୀ ସଂସ୍ଥା ଅବସ୍ଥାକୁ ଦେଖି ତୁରନ୍ତ ମନ୍ଦିର ଖୋଲାଯିବାକୁ ଦାବି କରିଛନ୍ତି। ଏ ନେଇ ସେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଆସନ୍ତା ୫ ତାରିଖ ସୁଦ୍ଧା ମନ୍ଦିର ଖୋଲା ନ ଗଲେ ଉକ୍ତ ଦିନ ମୌନବ୍ରତ କରିବା ସହ ଗଣଧାରଣା ପାଇଁ ଚେତାବନୀ ଦେଇଛନ୍ତି। ଜିଲାରେ କରୋନା ସଂକ୍ରମଣ କମିଥିବା ବେଳେ ଏ ନେଇ ସେ ଗତ ୨୮ ତାରିଖରେ ଜିଲାପାଳଙ୍କୁ ଭେଟିଥିଲେ। ଏହା ସତ୍ତ୍ୱେ ଜିଲାରେ ମନ୍ଦିର ଖୋଲାଯାଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ୨୪ ଘଣ୍ଟାରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ଜରିମାନା

ଭଦ୍ରକ ଅଫିସ, ୩।୧

ଭଦ୍ରକ ଜିଲା ପୋଲିସ ପକ୍ଷରୁ ଗତ ୨୪ ଘଣ୍ଟା ମଧ୍ୟରେ ଅମାନିଆ ଗାଡ଼ି ଚାଳକଙ୍କଠାରୁ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଟ୍ରାଫିକ୍ ନିୟମ ନ ମାନିବା ଓ ବାଇକ୍ ଆରୋହୀ ହେଲ୍‌ମେଟ୍ ନ ପିନ୍ଧିବା ଏହିଭଳି ବ୍ୟତିକ୍ରମ ପାଇଁ ୨ ଲକ୍ଷ ୨ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି। ୨୦୨ ଜଣଙ୍କଠାରୁ ଏହି ଜରିମାନା ଆଦାୟ କରାଯିବା ସହ ୪୩ ଜଣଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ୍ କରାଯାଇଛି। ୫୬ ଜଣଙ୍କ ବିରୋଧରେ ଚାଲାଣ କଟାଯାଇଥିବା ଜଣାପଡ଼ିଛି।

**ଖେଳ ଖବର**

## କ୍ରିକେଟ ଟୁର୍ନାମେଣ୍ଟ: ଆଗରପଡ଼ା ଚାମ୍ପିୟନ



ସ୍ପୋର୍ଟ୍ସ ଆସୋସିଏଶନ କର୍ମକର୍ତ୍ତାଙ୍କ ସହ ଖେଳାଳି।

ଖଇରା, ୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ରୀରାମପୁର ଖେଳପଡିଆରେ ଚାଲିଥିବା ମା' ଶିରାଦେବୀ ଆନ୍ତଃ ଜିଲା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଆଗରପଡାର ସାଇ ଇଲେଭେନଷ୍ଟାର କୁପାରୀ ବ୍ଲାକକୋବ୍ରାକୁ ୨ ଉଇକେଟରେ ପରାସ୍ତ କରିଛି। ଟସ୍ ଜିତି ବ୍ଲାକକୋବ୍ରା ୨୦ଓଭରରେ ସମସ୍ତ ଉଇକେଟ ହରାଇ ୧୧୪ରନ ସଂଗ୍ରହ କରିଥିଲା। ଜବାବରେ ଆଗରପଡା ୧୮ଓଭରରେ ୮ଉଇକେଟ ବିନିମୟରେ ଧାର୍ଯ୍ୟ ଲକ୍ଷ୍ୟରେ ପହଞ୍ଚିଥିଲା। ରାଜକିଶୋର ସେଠୀ ଓ ତାପସ ମୁଦୁଲୀ ମ୍ୟାଚ ପରିଚାଳନା କରିଥିଲେ। ମା' ଶିରାଦେବୀ ସ୍ପୋର୍ଟ୍ସ ଆସୋସିଏଶନ ସଭାପତି ବିଷ୍ଣୁମୋହନ ମୁଦୁଲିଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଶିଷ୍ଟ ଯାତ୍ରା କଳାକାର ବାପି ପଣ୍ଡା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ, ଶିକ୍ଷକ ମନୋରଞ୍ଜନ ନାୟକ, କାଶୀନାଥ ମୁଦୁଲି ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ସିଲ୍ଡ ସହ ୬ ହଜାର ଓ ରନର୍ସ ଅପ ଦଳକୁ ୪ହଜାର ଟଙ୍କା ପ୍ରଦାନ କରିଥିଲେ। ଆସୋସିଏଶନ ସମ୍ପାଦକ ଭୀମସେନ ଧାଉଁଡିଆ, ସଭ୍ୟ ଶରତ ପରିଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ନୀଳଚକ୍ର ୟୁଥ୍ କ୍ଲବ ବିଜୟୀ

**କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ଦୋବଲ, ୩।୧(ଡି.ଏନ.ଏ.)

ଭଦ୍ରକ ଜିଲା ଧାମନଗର ବ୍ଲକ ଦଳାଙ୍ଗ ପଞ୍ଚାୟତ ଜାହାଙ୍ଗିର ହାଇସ୍କୁଲ ଖେଳପଡ଼ିଆରେ ଜନଶକ୍ତି ଯୁବକ ସଂଘ ପକ୍ଷରୁ ଆୟୋଜିତ ମା' ବାସନ୍ତୀଦୁର୍ଗା କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କ୍ରୀଡ଼ାବିତ୍ ରାମଚନ୍ଦ୍ର ମନୋହରୀ, ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ପ୍ରଦୀପ ମଲ୍ଲିକ, ଧାମନଗର ପ୍ରେସ୍ କ୍ଲବର ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ପୂର୍ବତନ ସମିତିସଭ୍ୟ ବିରଜା ରାଉତ, ସୁଶାନ୍ତ ଦାସ, ଅନିରୁଦ୍ଧ ପାତ୍ରୀ, ପ୍ରଦୀପ ନାୟକ, ରାଧାଶ୍ୟାମ ତ୍ରିପାଠୀ, ବୈଦ୍ୟନାଥ ଜେନା ଓ ଭୈରବ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଯାଜପୁର ବିରଜାକ୍ଷେତ୍ରର ହିରୋ ଚ୍ୟାଲେଞ୍ଜରକୁ ହରାଇ ଯାଜପୁର ଅକରପଡ଼ାର ନୀଳଚକ୍ର ୟୁଥ କ୍ଲବ ବିଜୟୀ ହୋଇଛି। ପ୍ରଥମେ ହିରୋ ଚ୍ୟାଲେଞ୍ଜର ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୧୫ ରନ୍ କରିଥିଲା। ଜବାବରେ ନୀଳଚକ୍ର ୟୁଥ କ୍ଲବ ୧୬.୫ ଓଭରରେ ୬ ଉଇକେଟ ହରାଇ ୧୧୮ ରନ୍ କରି ବିଜୟୀ ହୋଇଥିଲା। ନୀଳଚକ୍ର ୟୁଥ କ୍ଲବର ବିରଜା ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରାଯାଇଛି। ଗଗନ ପ୍ରଧାନ ଓ ସନ୍ୟାସୀ ନାୟକ ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା, ଚିତ୍ତରଞ୍ଜନ ପଣ୍ଡା ସ୍କୋର ଏବଂ ରାଧାଶ୍ୟାମ ଜେନା ଧାରା ବିବରଣୀ ପ୍ରଦାନ କରିଥିଲେ।

## ମୟୂରଭଞ୍ଜ କ୍ରିକେଟ ଟୁର୍ନାମେଣ୍ଟ: ଡିଆର୍‌କେ ଚାମ୍ପିୟନ




ଅତିଥିଙ୍କ ସହ ଚାମ୍ପିୟନ ଦଳର ଖେଳାଳି।

ବାରିପଦା ଅଫିସ,୩।୧

ମୟୂରଭଞ୍ଜ ଜିଲା ବାରିପଦା ଷ୍ଟାଡିୟମରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସିକ୍ରେଟ ଇଲେଭେନ୍ କ୍ଲବକୁ ହରାଇ ଡିଆର୍‌କେ କ୍ଲବ ଚାମ୍ପିୟନ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଡିଆର୍‌କେ ଦଳ ନିର୍ଦ୍ଧାରିତ ୧୦ ଓଭରରେ ୩ ଉଇକେଟ ହରାଇ ୯୫ ରନ୍ ସଂଗ୍ରହ କରିଥିଲା। ଜବାବରେ ସିକ୍ରେଟ ଇଲେଭେନ୍ ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ ହରାଇ ୯୦ରନ୍ କରିବାକୁ ସକ୍ଷମ ହୋଇଥିଲା। ଡିଆର୍‌କେ ଦଳର ରଣଜିତ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ, ସିକ୍ରେଟ କ୍ଲବର କିଶୋର ପଲାଇ ମ୍ୟାନ୍ ଅଫ୍ ଦି ସିରିଜ, ବେଷ୍ଟ ବ୍ୟାଟ୍ସମ୍ୟାନ ଲକ୍ଷ୍ମୀଧର ସିଂହ, ବେଷ୍ଟ ବୋଲର ଭାବେ ଡିଆରକେର ସଂଗ୍ରାମ ଦାସ ପୁରସ୍କୃତ ହୋଇଥିଲେ। ଏହି ଖେଳକୁ ଅମ୍ପାୟାର ଦିଲ୍ଲୀପ ଦାସ ଏବଂ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିଲେ । ସ୍କୋରର ଭାବେ ଦୀପକ ସାହୁ ଏବଂ ଗୌତମ ଦାସ ମ୍ୟାଚର ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଆଦିବାସୀ ଯୁବ କଲ୍ୟାଣ ବିଭାଗର ପୂର୍ବତନ ଅଧକ୍ଷ ଡ. ଦେବାଶିଷ ମାରାଣ୍ଡି ଏବଂ ସମ୍ମାନୀୟ ଅତିଥି ଭାବେ ଓଡ଼ିଶା କୃଷି ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ମୟୂରଭଞ୍ଜ ଆଥ୍‌ଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ କିଶୋର ବିଶ୍ୱାଳ, ଆସୋସିଏଶନର ଉପସଭାପତି ଗିରିଶ ଚନ୍ଦ୍ର ଦାସ, ସମାଜସେବୀ ସଞ୍ଜୀବ ଦ୍ୱିବେଦୀ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବିତରଣ କରିଥିଲେ। ଆୟୋଜକ ସିକ୍ରେଟ କ୍ଲବର ସଭାପତି ସନ୍ତୋଷ ଓତା ଧନ୍ୟବାଦ ଅର୍ପଣ କରିଥିଲେ।

## ତ୍ରିକୂଟେଶ୍ୱର କ୍ଲବ ଚାମ୍ପିୟନ

ବାହାନଗା, ୩।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଥାଇସତା ଗ୍ରାମରେ କ୍ରିକେଟ ଟୁର୍ନାମେଣ୍ଟ କୁଶଳେଶ୍ୱର କ୍ରୀଡା ଯୁବକ ସଂଘ ପକ୍ଷରୁ ଆୟୋଜିତ ହୋଇଯାଇଛି। ଫାଇନାଲରେ ତାଳପାଡୀ ଟିମ୍‌କୁ ହରାଇ ତ୍ରିକୂଟେଶ୍ୱର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଟୁର୍ନାମେଣ୍ଟକୁ ସୋର ବିଧାୟକ ପର୍ଶୁରାମ ଧଡା ଉଦ୍‌ଘାଟନ କରିଥିଲେ। ଏହି ଟୁର୍ନାମେଣ୍ଟରେ ମୋଟ ୪ଟି ଟିମ୍ ଭାଗ ନେଇଥିଲେ। ତ୍ରିକୂଟେଶ୍ୱର କ୍ଲବ ଓ ତାଳପାଡୀ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ତ୍ରିକୂଟେଶ୍ୱର କ୍ଲବ ୧୦ ଓଭର ଖେଳି ୫ ଉଇକେଟ ହରାଇ ୧୨୦ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ତାଳପାଡୀ ଟିମ୍ ୯ ଓଭର ଖେଳି ସମସ୍ତ ଉଇକେଟ ହରାଇ ୮୦ ରନ୍ ସଂଗ୍ରହ କରିଥିଲା। ପରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥ ସେବା ସଂସ୍ଥାର ସମ୍ପାଦକ ବିଜୟ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକଣ୍ଠ ବେହେରା, ସଂଘ ସଭାପତି ଦୀପକ ଦାଶ, ସମ୍ପାଦକ ତନ୍ମୟ ପାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ଓ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବ୍ଲାକ ବେଲ୍ଟ ପରୀକ୍ଷାରେ କେନ୍ଦୁଝର କ୍ରୀଡ଼ାବିତଙ୍କ ସଫଳତା




ବ୍ଲାକବେଲ୍ଟ ହାସଲ କରିଥିବା କ୍ରୀଡାବିତ୍।

କେନ୍ଦୁଝର, ୩।୧ (ସ୍ୱ.ପ୍ର./ଡି.ଏନ.ଏ.)

ଓଡିଶା ଟାଏକୋଣ୍ଡୋ ଆସୋସିଏଶନ ଓ ଓଡିଶା ଟାଏକୋଣ୍ଡୋ ଟ୍ରେନିଂ ସେଣ୍ଟରର ମିଳିତ ଆନୁକୁଲ୍ୟରେ ଗତ ୧ ଓ ୨ ତାରିଖରେ କଟକ ବାରବାଟୀ ଷ୍ଟାଡିୟମ କ୍ଲବ ହାଉସ ଠାରେ ରାଜ୍ୟ ସ୍ତରୀୟ ବ୍ଲାକ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ଏଥିରେ କେନ୍ଦୁଝର ଜିଲା ସମେତ ଅନ୍ୟାନ୍ୟ ଜିଲାର ପରୀକ୍ଷାର୍ଥୀ ଯୋଗଦେଇଥିଲେ। କେନ୍ଦୁଝର ଜିଲାର ୧୦ଜଣ ପରୀକ୍ଷାର୍ଥୀ ଭାଗ ନେଇ କୃତିତ୍ୱ ଅର୍ଜନ କରିଛନ୍ତି। ଏହି ସଫଳତା ପାଇଁ କ୍ରୀଡାବିତ ମାନଙ୍କୁ ଜିଲା କ୍ରୀଡା ସଂସ୍ଥାର ସଂପାଦକ ଡକ୍ଟର ଜନାର୍ଦ୍ଦନ ଦାଶଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆମେଚର ଟାଏକୋଣ୍ଡୋ ଆସୋସିଏଶନର ସଭାପତି ପ୍ରଦିପ କୁମାର ମହାନ୍ତି, ସମ୍ପାଦକ ନିର୍ମଳ ନାୟକ, ଉପସ୍ଥିତ ରହି କ୍ରୀଡାବିତ ମାନଙ୍କୁ ଶୁଭେଛା ଜଣାଇଥିଲେ। ଅନୁଷ୍ଠାନର ସିନିୟର ବ୍ଲାକ ବେଲ୍ଟ ରଣଜିତ ବେହେରା, ସଂଯୋଜନା କରିଥିଲେ ।

## ଗ୍ରାମାଞ୍ଚଳ ମହିଳା ଫୁଟବଲ ପ୍ରତିଯୋଗିତା

ଚମ୍ପୁଆ, ୩।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ପାଞ୍ଚପୋଖରିଆ ଠାରେ ଏକ ଦିବସୀୟ ମହିଳା ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଯୋଡା, ଜେଏସଡବ୍ଲ୍ୟୁ, ଜଜାଙ୍ଗ, ପାଞ୍ଚପୋଖରିଆ ମହିଳା ଫୁଟବଲ ଦଳ ଓ କଇଁତା ମହିଳା ଫୁଟବଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗ୍ରାମାଞ୍ଚଳ ଗୁଡିକରେ ମହିଳା ଫୁଟବଲର ଦଳର ବିକାଶ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଦିନକୁ ଦିନ ଲିଭି ଯାଉଥିବା ଏହି ଖେଳ ପାଇଁ ବାଳିକାମାନଙ୍କ ମଧ୍ୟରେ ବଢୁଥିବା ଆଗ୍ରହ ଦେଖାଯାଉଛି। ଏହି ପ୍ରତିଯୋଗିତାକୁ ପରିଚାଳକ ନଦିଆ ନାଏକ ପରିଚାଳନା କରିଥିବା ବେଳେ ଜିଲା ଫୁଟବଲ କୋଚ୍ ବାଦଲ ମହାକୁଡ, କୃଷ୍ଣଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ଏହି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରଦର୍ଶନ କରୁଥିବା ଖେଳାଳି ମାନଙ୍କୁ ଚୟନ କରାଯାଇ ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ପ୍ରଶିକ୍ଷଣ ଦିଆଯିବ। ପ୍ରଶିକ୍ଷଣ ପରେ ଏକ ୨୦ ଜଣିଆ ଦଳ ଗଠନ କରାଯାଇ ଚଳିତ ଜାନୁୟାରୀ ମାସରେ ଝାରସୁଗୁଡା ଠାରେ ଅନୁଷ୍ଠିତ ଆନ୍ତଃଜିଲା ମହିଳା ଫୁଟବଲ ପ୍ରତିଯୋଗିତାରେ ଜିଲା ଦଳ ଭାଗ ନେବ ବୋଲି ଫୁଟ୍‌ବଲ୍ କୋଚ୍ ସୂଚନା ଦେଇଛନ୍ତି। ଜିଲା କ୍ରୀଡା ବିଭାଗ ପକ୍ଷରୁ ସମ୍ପାଦକ ଜନାର୍ଦ୍ଦନ ଦାସ ଓ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବର୍ତ୍ତମାନ ଗ୍ରାମାଞ୍ଚଳରେ ପ୍ରତିଭା ମାନଙ୍କୁ ଚୟନ କରାଯାଉଛି ବୋଲି ସୂଚନା ଦେଇଥିଲେ।

## ସଂକ୍ଷେପରେ

### କରୋନା ଆକ୍ରାନ୍ତ କନଷ୍ଟେବଲଙ୍କ ମୃତ୍ୟୁ

ପିପିଲି,୩।୧(ଡି.ଏନ୍.ଏ./ସ୍ୱ.ପ୍ର.): ପିପିଲି ଥାନାର କାର୍ଯ୍ୟରତ କନଷ୍ଟେବଲ ସିଦ୍ଧାର୍ଥ ଶଙ୍କର ଦାଶ(୪୦)ଙ୍କ ରବିବାର ସକାଳ ୮ଟା ୩୦ରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସପିଟାଲରେ ମୃତ୍ୟୁ ହୋଇଛି। ଗତ ଡିସେମ୍ବର ୪ରେ ସେ କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁର ଖବର ଶୁଣି ପିପିଲି ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି, ଏସ୍‌ଡିପିଓ ଦେବଦତ୍ତ ବରାଳ ଦୁଃଖ ପ୍ରକାଶ କରିବା ସହ ଥାନାର ସମସ୍ତ ଅଫିସର ଓ କର୍ମଚାରୀମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ମାସେ ତଳେ ସେ ଥାନାରେ କାର୍ଯ୍ୟ କରୁଥିବାବେଳେ ଅସୁସ୍ଥ ହୋଇପଡ଼ିଥିଲେ। ପରେ ଥାନା ପକ୍ଷରୁ ତାଙ୍କୁ ପରୀକ୍ଷା କରାଯିବାରୁ କରୋନା ଆକ୍ରାନ୍ତ ଜଣାପଡ଼ିଥିଲା।

### ନୟାଗଡ଼ରେ ହେବ ରାଜ୍ୟସ୍ତରୀୟ ନାଟ୍ୟମେଳା

ନୟାଗଡ ଅଫିସ,୩।୧: ନୟାଗଡର ନାଟ୍ୟଧାରା ଆନୁକୂଲ୍ୟରେ ଚଳିତବର୍ଷ ମାର୍ଚ୍ଚ ୧ରୁ ୭ଦିନ ବ୍ୟାପୀ ରାଜ୍ୟ ସ୍ତରୀୟ ନାଟ୍ୟମେଳା ପଠାଣି ସାମନ୍ତ ଅଡିଟୋରିୟମରେ ଅନୁଷ୍ଠିତ ହେବ। ଏଥିରେ ଢେ଼ଙ୍କାନାଳ, ମୟୂରଭଞ୍ଜ, ଭୁବନେଶ୍ୱର, କଟକ, ସମ୍ବଲପୁର, ବାଲେଶ୍ୱର, ନୟାଗଡର ନାଟ୍ୟ ଅନୁଷ୍ଠାନ ଯୋଗଦେବେ। ସନ୍ଧ୍ୟା ସାଢ଼େ ୭ଟାରୁ ରାତି ସାଢ଼େ ୯ଟା ପର୍ଯ୍ୟନ୍ତ ନାଟକ ପରିବେଷଣ ହେବ। ଏ ନେଇ ନାଟ୍ୟଧାରାର ସଭାପତି ପ୍ରମୋଦ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀ କରି ଉପରୋକ୍ତ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିଶ୍ୱନାଥ ମହାପାତ୍ର, ସମ୍ପାଦକ ଲକ୍ଷ୍ମୀଧର ମହାପାତ୍ର, ନିର୍ଦ୍ଦେଶକ ବିଜୟ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ଦ ହେଲା ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସ

ପାରାଦୀପ, ୩।୧(ସ୍ୱ.ପ୍ର.): ପାରାଦୀପ ବନ୍ଦରରେ ଚଳିତ ବର୍ଷ ପ୍ରତିଷ୍ଠା ଦିବସ ପାଳନ ହୋଇନାହିଁ। କରୋନା ମହାମାରୀ ଓ ତଜ୍ଜନିତ କଟକଣା ପାଇଁ ଏହାକୁ ବନ୍ଦ କରାଯାଇଛି ବୋଲି ବନ୍ଦର ଲୋକସମ୍ପର୍କ ବିଭାଗ ପକ୍ଷରୁ ରବିବାର ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୩ ଜାନୁୟାରୀ ୧୯୬୨ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପାରାଦୀପ ବନ୍ଦରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଉକ୍ତ ବନ୍ଦର ବହୁ ସଂଘର୍ଷ ପରେ ଚଳିତ ବର୍ଷ ଦେଶର ବୃହତ ବନ୍ଦର କ୍ଷେତ୍ରରେ ପ୍ରଥମ ସ୍ଥାନ ପାଇଛି। ଏହି ପାରାଦୀପ ବନ୍ଦରକୁ ଗତମାସ ୩୦ରେ ବିଶ୍ୱସ୍ତରୀୟ କରାଯିବ ବୋଲି କେନ୍ଦ୍ର ସରକାର ଘୋଷଣା କରିଥିଲେ। ପ୍ରତିବର୍ଷ ବନ୍ଦର ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଏ। ଏହି ଅବସରରେ ହାଫ୍ ମାରାଥନ କରାଯାଏ। ଏହି ଗଣଦୌଡରେ ଦେଶର ପ୍ରତିଷ୍ଠିତ ଖେଳାଳି ଭାଗ ନେଇଥାନ୍ତି।

### ପଥରଖୁଣ୍ଟ ପଡ଼ି ନାବାଳକ ମୃତ

ବେଗୁନିଆ,୩।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଲେଖନପୁର ଗାଁରେ ରବିବାର ଖେଳୁଥିବା ସମୟରେ ପଥରଖୁଣ୍ଟ ପଡ଼ି ଚାପି ହୋଇଯିବାରୁ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ମୁନୁ ଖାଁ। ତେବେ ମୁନୁର ଏଭଳି ଅକସ୍ମାତ ମୃତ୍ୟୁକୁ ନେଇ ଗାଁରେ ଶୋକରଛାୟା ଖେଳିଯାଇଛି। ମିଳିଥିବା ସୂଚନା ମୁତାବକ, ପ୍ରାୟ ଅପରାହ୍ନ ୫ଟା ସମୟରେ ମୁନୁ ସାଙ୍ଗମାନଙ୍କ ସହ ଗାଁ ଦାଣ୍ଡରେ ଖେଳୁଥିଲେ। ଏହି ସମୟରେ ହଠାତ୍ ମୁନୁ ଅସାବଧାନତାବଶତଃ ନିକଟସ୍ଥ ଏକ ଭଙ୍ଗା ପରିତ୍ୟକ୍ତ ଘର ନିକଟକୁ ଚାଲିଯାଇଥିଲେ। ସେଠାରେ ଭଙ୍ଗା ଅବସ୍ଥାରେ ଥିବା ଏକ ପଥର ଖୁଣ୍ଟକୁ ଧରିଦେବାରୁ ଦୁର୍ବଳ ଥିବା ହେତୁ ତାହା ଉପରେ ପଡ଼ିଯାଇଥିଲା। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ମୁନୁଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ଜଣାଇବା ସହ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଏ ନେଇ କୌଣସି ଅଭିଯୋଗ ହୋଇନାହିଁ।

# ରାଜଧାନୀରେ ଝାଡ଼ଖଣ୍ଡୀ ଲୁଟେରା ଗ୍ୟାଙ୍ଗ୍

## ୧୦୪ ମୋବାଇଲ ଫୋନ୍ ଜବତ, ୩ ଗିରଫ

ଭୁବନେଶ୍ୱର,୩।୧(ବ୍ୟୁରୋ)

ଦୀର୍ଘବର୍ଷ ହେବ ସୀମାନ୍ତରେ ଲୁଟ୍, ଚୋରି, ଡକାୟତି, ହତ୍ୟା ଆଦି ଅପରାଧ ଘଟାଉଛନ୍ତି ଝାଡ଼ଖଣ୍ଡର ଅପରାଧୀ। ଓଡ଼ିଶା ପୋଲିସର ଶକ୍ତିକୁ ପରଖିବା ପରେ ଏବେ ସେମାନେ ରାଜଧାନୀ ଭୁବନେଶ୍ୱରରେ ରାଜ୍ କଲେଣି। ଝାଡ଼ଖଣ୍ଡରୁ ଆସି ଭୁବନେଶ୍ୱରର ଗଳିକନ୍ଦି ବୁଲି ଲୁଟ୍‌ପାଟ କଲେଣି। ଲକ୍‌ଡାଉନ୍ ସମୟରେ ଓ ଏବେ ରାଜଧାନୀ ରାଜରାସ୍ତାରେ ଉତ୍ପାତ କରୁଥିବା ଝାଡ଼ଖଣ୍ଡି ଲୁଟେରା ଗ୍ୟାଙ୍ଗର ୩ଜଣଙ୍କୁ ଲକ୍ଷ୍ମୀସାଗର ଥାନା ପୋଲିସ ଧରିବା ପରେ ଏପରି ଚାଞ୍ଚଲ୍ୟକର ତଥ୍ୟ ପଦାକୁ ଆସିଛି। ଅଭିଯୁକ୍ତମାନେ ହେଲେ ଝାଡଖଣ୍ଡ ସାହେବଗଞ୍ଜର ଦୀପକ ମୁମାର(୧୯), କାଞ୍ଚନ ନୁନିଆ(୨୬) ଓ ଅଙ୍କିତ କୁମାର ପାଶୱାର(୧୯)। ସେମାନଙ୍କ ନିକଟରୁ ୧୦୪ ଚୋରା ମୋବାଇଲ୍ ଫୋନ୍ ଜବତ ହୋଇଛି। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ ନଂ.୨/୨୧ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି। ଏହି ଗ୍ୟାଙ୍ଗରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଗିରଫ ପାଇଁ କମିଶନରେଟ ପୋଲିସ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟାରେ ପ୍ରଭାକର ଗୋଏଁଖା ନାମକ ଜଣେ ବ୍ୟକ୍ତି କଳ୍ପନାସ୍ଥିତ ଏକ ମଦ କାଉଣ୍ଟର ନିକଟରେ ଛିଡ଼ା ହୋଇଥିଲେ। ଏହି ସମୟରେ କେତେଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ ହାତରୁ ଫୋନ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଏନେଇ ପ୍ରଭାକର ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରିବା ସହ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଅଭିଯୁକ୍ତମାନେ ସ୍ଥାନୀୟ ଚିନ୍ତାମଣିଶ୍ୱର ଫିସେରି କଲୋନୀରେ ଏକ ଘର ଭଡା ନେଇ ରହୁଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଉକ୍ତ ଘରେ ଚଢାଉ କରିବା ସହ ଅଭିଯୁକ୍ତମାନଙ୍କୁ କାବୁ କରିବା ସହ ଯାଞ୍ଚ କରିବାରୁ ଲୁଟ୍ ମୋବାଇଲ୍ ମିଳିଥିଲା। ଅଭିଯୁକ୍ତଙ୍କୁ ପଚରାଉଚରା ବେଳେ ସହରର ବିଭିନ୍ନ ସ୍ଥାନରୁ ସେମାନେ ଏସବୁ ଫୋନ ଲୁଟ୍ କରିଥିବା କଥା ପୋଲିସ ଆଗରେ ମାନିଥିଲେ।



ଜବତ ମୋବାଇଲ୍ ଫୋନ୍ ଓ ଗିରଫ ଅଭିଯୁକ୍ତମାନେ।

# ଖୋଲିଲା ଶାରଳା ମନ୍ଦିର

ତିର୍ତ୍ତୋଲ,୩।୧(ଡି.ଏନ.ଏ.)



କୋଭିଡ କଟକଣା ପାଇଁ ବନ୍ଦ ରହିଥିବା ଜଗତସିଂହପୁର ଜିଲା ତିର୍ତ୍ତୋଲସ୍ଥିତ ପ୍ରସିଦ୍ଧ ଝଙ୍କଡ ଶାରଳା ମନ୍ଦିର ଦୀର୍ଘ ମାସ ପରେ ରବିବାର ଖୋଲିଛି। ସରକାରୀ ନିର୍ଦ୍ଦେଶ ପରେ, ସକାଳ ୮ରୁ ମନ୍ଦିର ପରିସରକୁ ଭକ୍ତମାନେ ପ୍ରବେଶ କରିଥିଲେ। ମନ୍ଦିର ପ୍ରଶାସନ ପକ୍ଷରୁ ମା'ଙ୍କ ଦର୍ଶନ ନିମନ୍ତେ ଟୋକନ ବ୍ୟବସ୍ଥା ହୋଇଥିଲା। ଭକ୍ତମାନେ ଟୋକନ ସଂଗ୍ରହ କରି ଧାଡିରେ ଆସି ମା'ଙ୍କ ଦର୍ଶନ କରିଥିଲେ। ଏକାଥରରେ ସର୍ବାଧିକ ୧୦ ଜଣଙ୍କୁ ମନ୍ଦିରକୁ ପ୍ରବେଶ ପାଇଁ ଅନୁମତି ମିଳିଥିଲା। ଶାନ୍ତିଶୃଙ୍ଖଳାରେ ଦର୍ଶନ ପାଇଁ ମନ୍ଦିର ପ୍ରଶାସନ ଓ ତିର୍ତ୍ତୋଲ ଥାନା ପକ୍ଷରୁ ବ୍ୟବସ୍ଥା ହୋଇଥିଲା। ଭକ୍ତମାନଙ୍କୁ ସାଙ୍ଗରେ ପରିଚୟପତ୍ର ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

# ଶ୍ରୀମନ୍ଦିରକୁ ୨୧ କିଲୋ ରୁପା ଦାନ କଲେ ଶିବ



ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କୁ ଶିବପ୍ରସାଦ ପଣ୍ଡା ରୁପା ଦାନ କରୁଛନ୍ତି।

ପୁରୀ ଅଫିସ,୩।୧

ଭୁବନେଶ୍ୱର ନିବାସୀ ଶିବପ୍ରସାଦ ପଣ୍ଡା ଓ ତାଙ୍କ ପରିବାର ରବିବାର ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ୨୧ କିଲୋଗ୍ରାମ ରୁପା ଦାନ କରିଛନ୍ତି। ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟରେ ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାରଙ୍କ ଉପସ୍ଥିତିରେ ଶିବପ୍ରସାଦ ଏହି ଦାନ କରିଛନ୍ତି। ରତ୍ନସିଂହାସନରେ ବିଜେ ଚତୁର୍ଦ୍ଧାବିଗ୍ରହଙ୍କ ସହ ଅଧିଷ୍ଠିତ ଭୂଦେବୀ, ଶ୍ରୀଦେବୀ ଓ ଦକ୍ଷିଣୀ ଘରେ ବିଜେ ମଦନମୋହନଙ୍କ ନୂଆ ପ୍ରଭା ନିର୍ମାଣ ନିମନ୍ତେ ଏହି ରୁପା ଦାନ କରିଥିବା ସେ କହିଛନ୍ତି। ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଦାନ କରିବା ମୋ ପାଇଁ ସୌଭାଗ୍ୟର କଥା, ମୁଁ ତାଙ୍କ ନିକଟରେ ସବୁବେଳେ ସମର୍ପିତ ବୋଲି ଶିବପ୍ରସାଦ ଭାବବିହ୍ୱଳ ହୋଇ ପ୍ରକାଶ କରିଛନ୍ତି।

# ଆଇପିଏସ୍ ଅଫିସର ସାରା ଶର୍ମାଙ୍କ ନାଁରେ ଫେକ୍ ଫେସ୍‌ବୁକ ଆକାଉଣ୍ଟ

## ବ୍ୟବହାରକାରୀ ସତର୍କ ରହିବାକୁ ପରାମର୍ଶ ଦେଲେ

ଭୁବନେଶ୍ୱର,୩।୧(ବ୍ୟୁରୋ)

ସମ୍ବଲପୁର ଭିଜିଲାନ୍ସ ଏସ୍‌ପି ତଥା ଆଇପିଏସ୍ ଅଫିସର ସାରା ଶର୍ମାଙ୍କ ନାମରେ କେହି ଫେକ୍ ଫେସ୍‌ବୁକ ଆକାଉଣ୍ଟ ଖୋଲିଛନ୍ତି। ଏ ସମ୍ପର୍କରେ ସେ ସୂଚନା ଦେବା ସହ ସତର୍କ ରହିବାକୁ ପରାମର୍ଶ ଦେଇଛନ୍ତି। ସେ ଗୋଟିଏ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ନିଜେ ବ୍ୟବହାର କରୁଛନ୍ତି। ମାତ୍ର ତାଙ୍କ ନାମରେ କେହି ଦୁର୍ବୃତ୍ତ ଆଉଏକ ଫେକ୍ ଫେସ୍‌ବୁକ ଆକାଉଣ୍ଟ ଖୋଲିଥିବା ଜଣାପଡିଛି। ସେଥିରୁ ଅନ୍ୟମାନଙ୍କ ପାଖକୁ ଫ୍ରେଣ୍ଡ ରିକ୍ୱେଷ୍ଟ ମଧ୍ୟ ପଠାଯାଉଛି। ତାଙ୍କ ନାମକୁ ବ୍ୟବହାର କରି ଠକେଇ କରିବାର ଅନେକ ସମ୍ଭାବନା ରହିଛି। ଉକ୍ତ ଆକାଉଣ୍ଟରୁ ଆସିଥିବା ଫ୍ରେଣ୍ଡ ରିକ୍ୱେଷ୍ଟକୁ ଗ୍ରହଣ ନ କରିବାକୁ ସାରା ଅନୁରୋଧ କରିଛନ୍ତି। ଏହାଛଡ଼ା ସେହି ଫେକ୍ ଆକାଉଣ୍ଟ ମାଧ୍ୟମରେ କେହି ତାଙ୍କ ନାଁରେ ଟଙ୍କା ମାଗିଲେ ନ ଦେବାକୁ ସେ ଅପିଲ କରିଛନ୍ତି। ବର୍ତ୍ତମାନ ସୋସିଆଲ ମିଡିଆ ବ୍ୟବହାରକାରୀ ବିଶେଷ ସଚେତନ ରହିବାକୁ ନିବେଦନ କରିଛନ୍ତି। ସାରା ଗଜପତି ଜିଲା ଏସ୍‌ପି ଥିବାବେଳେ ବେଶ୍ ଚର୍ଚ୍ଚାରେ ଥିଲେ। ସେ କେତେବେଳେ ବାତ୍ୟା କ୍ଷତିଗ୍ରସ୍ତଙ୍କ ପାଇଁ ସହାୟତା ରାଶି ସଂଗ୍ରହ କରି ଦେଉଥିଲେ ତ ପୁଣି ପିଲାଙ୍କ ସୁରକ୍ଷା ପାଇଁ ସଚେତନତା ଗୀତ ଗାଇ ପ୍ରଶଂସା ସାଉଣ୍ଟିଥିଲେ। ସେହିଭଳି ଲୋକଙ୍କୁ ସୁସ୍ଥ ରଖିବାକୁ ଯୋଗ ଓ ବ୍ୟାୟାମ ଅଭ୍ୟାସ କରିବାକୁ ପରାମର୍ଶ ଦେଇ ଉଦାହରଣ ପାଲଟିଥିଲେ। ତେବେ ତାଙ୍କ ନାମରେ କେହି ଏପରି ଆକାଉଣ୍ଟ ଖୋଲି ବଦନାମ କରିବାକୁ ଚେଷ୍ଟା କରୁଥାଇ ପାରନ୍ତି ବୋଲି କୁହାଯାଉଛି।

ଶୃଙ୍ଖଳିତ



ବିଶୃଙ୍ଖଳିତ



ରବିବାର ରାଜମହଲ ଛକରେ ଏକ ବାଇକ୍‌ରେ ଯାଉଥିବା ଜଣେ ଶିଶୁ ଓ ଅନ୍ୟ ଦୁଇଜଣ ହେଲ୍‌ମେଟ୍ ପିନ୍ଧିଛନ୍ତି। ଅନ୍ୟ ଏକ ବାଇକ୍‌ରେ ବିନା ହେଲ୍‌ମେଟ୍‌ରେ ୩ଜଣ ଯୁବକ ଯାଉଥିବାବେଳେ ପୋଲିସ ଅଟକାଇଛି।

# ୧.୪୪ କୋଟି ଜରିମାନା ଆଦାୟ

## ପଥର, ମୋରମ ଚୋରା ଚାଲାଣ

ଖୋର୍ଦ୍ଧା ଅଫିସ, ୩।୧

ଖୋର୍ଦ୍ଧା ଜିଲାରେ ଖଣି ମାଫିଆ ମାତିଛନ୍ତି। ସେମାନେ ସରକାରୀ ଜମି, ଶ୍ମଶାନ ଓ କାଜୁ ଜଙ୍ଗଲରୁ ବେଆଇନ ଭାବେ ପଥର, ମୋରମ ଓ ମାଙ୍କଡ଼ା ପଥର ଚାଲାଣ କରୁଛନ୍ତି। ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି। ବେଆଇନ ପଥର ଚାଲାଣକାରୀଙ୍କୁ ରୋକିବା ଲାଗି ଖୋର୍ଦ୍ଧା ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଡ୍ରାଇଭ ଆରମ୍ଭ ହୋଇଥିଲା। ବିଭିନ୍ନ ସ୍ଥାନରେ ତହସିଲଦାରମାନେ ରାଜସ୍ୱ ଟିମ୍ ସହ ଚଢ଼ାଉ କରି ଚୋରା ବାଲି, ପଥର ବୋଝେଇ ଟ୍ରକ ଓ ଟ୍ରାକ୍ଟର ପ୍ରଭୃତି ଜବତ କରିବା ସହ ଜରିମାନା ଆଦାୟ କରିଥିଲେ। ଖୋର୍ଦ୍ଧା ଉପଖଣ୍ଡରେ ୨୦୨୦ ଡିସେମ୍ବର ୩୧ ସୁଦ୍ଧା ୧,୪୪,୦୪,୧୬୨ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଉପଜିଲାପାଳ ଅଶୋକ ବେହୁରିଆ ଟୁଇଟ କରି ଜଣାଇଛନ୍ତି। ବୋଲଗଡ଼ ତହସିଲ ପକ୍ଷରୁ ୬, ୩୫, ୨୯୨, ଚିଲିକା ତହସିଲ ୭, ୫୨, ୫୮୦, ବାଣପୁର ୧୩, ୧୪, ୫୦୦, ବେଗୁନିଆ ୩୨, ୮୫, ୦୦୦, ଟାଙ୍ଗୀ ୩୪, ୮୮୨, ୯୦ ଏବଂ ଖୋର୍ଦ୍ଧା ତହସିଲ ପକ୍ଷରୁ ସର୍ବାଧିକ ୪୯, ୨୮, ୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

# ଜେଲ ଗଲେ ଦୁଇ ଚାଲାଣକାରୀ

## ୫୦ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ ଘଟଣା

ଭୁବନେଶ୍ୱର,୨।୧(ବ୍ୟୁରୋ)

ବାଲେଶ୍ୱରରୁ ଭୁବନେଶ୍ୱରକୁ ଚୋରାଚାଲାଣ ବେଳେ ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ୫୨୦ ଗ୍ରାମ ବ୍ରାଉନସୁଗାରକୁ ଶନିବାର କମିଶନରେଟ ପୋଲିସର କୁଇକ୍ ଆକ୍ସନ ଟିମ୍(କ୍ୟୁଏଟି) ଜବତ କରିଥିଲା। ସମ୍ପୃକ୍ତ ୨ଜଣ ଅଭିଯୁକ୍ତଙ୍କୁ ଧରିବା ସହ ସେମାନଙ୍କ ନିକଟରୁ ବ୍ରାଉନସୁଗାର ସହ ୨ ବାଇକ୍, ନଗଦ ୧୩ହଜାର ଟଙ୍କା ଓ ୪ ମୋବାଇଲ୍ ଫୋନ୍ ଜବତ କରାଯାଇଥିଲା। ଧରାପଡିଥିବା ୨ ଚାଲାଣକାରୀ ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଅଞ୍ଚଳର ସେକ୍ ନିଜାମୁଦ୍ଦିନ ଓରଫ ପପୁ (୨୩) ଓ ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ ଅଞ୍ଚଳର ଚିତ୍ତରଞ୍ଜନ ରାଉତରାୟ(୫୧)ଙ୍କୁ ରବିବାର ଗିରଫ କରାଯାଇଛି। ସେମାନଙ୍କ ନାମରେ ତମାଣ୍ଡୋ ଥାନାରେ ମାମଲା (ନଂ.୧/୨୧) ରୁଜୁ କରାଯାଇଛି। ପଚରାଉଚରା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ପଠାଇ ଦିଆଯାଇଛି।

# ଆଉ ୩ଦିନ ଘନ କୁହୁଡ଼ି

## ସତର୍କ ରହିବାକୁ ଏସ୍ଆର୍‌ସି ନିର୍ଦ୍ଦେଶ

ଭୁବନେଶ୍ୱର, ୩।୧(ବ୍ୟୁରୋ)

ରାଜ୍ୟରେ ଆଉ ୩ଦିନ ଘନକୁହୁଡ଼ି ରହିବ। କୁହୁଡ଼ିକୁ ଦୃଷ୍ଟିରେ ରଖି ସତର୍କତାମୂଳକ ପଦକ୍ଷେପ ନେବାକୁ ଏସ୍ଆର୍‌ସି ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ଚିଠି ଲେଖିଛନ୍ତି। କୁହୁଡ଼ି ସମୟରେ ଜାତୀୟ ଓ ରାଜ୍ୟ ରାଜପଥଗୁଡ଼ିକରେ ଗାଡ଼ି ଚଳାଚଳ ଉପରେ ନିୟନ୍ତ୍ରଣ ରଖିବାକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ଆକଳନ ଅନୁସାରେ, ଆସନ୍ତା ୬ ତାରିଖ ସକାଳ ପର୍ଯ୍ୟନ୍ତ ଘନକୁହୁଡ଼ି ଦେଖାଯିବ। ୪ ତାରିଖ ସକାଳେ ଅନୁଗୋଳ, ବୌଦ୍ଧ, ସୋନପୁର, ଜଗତ୍‌ସିଂହପୁର, କନ୍ଧମାଳ ଓ ଭଦ୍ରକ, ୫ ତାରିଖ ସକାଳେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, କନ୍ଧମାଳ ଓ ଜଗତ୍‌ସିଂହପୁର ଏବଂ ୬ ତାରିଖ ସକାଳେ ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, କନ୍ଧମାଳ, ଜଗତ୍‌ସିଂହପୁର ଓ ନୟାଗଡ଼ ଜିଲାରେ ଘନ କୁହୁଡ଼ି ମାଡ଼ି ରହିବ। ଏଥିପାଇଁ ଏସବୁ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ରବିବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି ଦାରିଙ୍ଗବାଡ଼ିରେ ୯.୦, କେନ୍ଦୁଝରରେ ୧୦.୫, କୋରାପୁଟରେ ୧୦.୬, ଭବାନୀପାଟଣା ୧୧.୪, ଝାରସୁଗୁଡ଼ା ଓ ବଲାଙ୍ଗୀରରେ ୧୧.୬%, କଟକ ୧୨.୨ ଓ ଭୁବନେଶ୍ୱରରେ ୧୪.୫ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।



## ଫଟୋରେ ଖବର




କେନ୍ଦ୍ରୀୟ ୩ କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ଚଲୋ ଅଭିଯାନ ପାଇଁ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରସ୍ଥିତ ସାମ୍ବାଦିକ ଭବନରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ଅତିଥିମାନେ।




ଭୁବନେଶ୍ୱର ମ୍ୟୁଜିକ୍ ସର୍କଲ ପକ୍ଷରୁ ରବିବାର ରାଜଧାନୀସ୍ଥିତ ଆଇଜି ପାର୍କରେ ଆୟୋଜିତ 'ମ୍ୟୁଜିକ୍ ଇନ୍ ପାର୍କ' କାର୍ଯ୍ୟକ୍ରମରେ ଅଭିରାମ ନନ୍ଦ ବଂଶୀବାଦନ କରୁଛନ୍ତି।

